## ସଂକ୍ଷେପରେ

### କାର୍-ବାଇକ୍ ଧକ୍କା, ବାଇକ୍ ଚାଳକ ଗୁରୁତର

ଗୁଣପୁର,୩୦।୫(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଡମ୍ବସରାଠାରେ ସୋମବାର କାର୍-ବାଇକ୍ ମଧରେ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଚାଳକ ଥବିର ପଣ୍ଡା(୩୫) ଗୁରୁତର ହୋଇଥିଲେ। ତାଙ୍କୁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ସେଠାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, କାଶୀନଗର ଅଞ୍ଚଳର ଥବିର ବାଇକ୍ ଯୋଗେ ଅଡବାଗାଁକୁ ଯାଉଥିଲେ। ଏହି ସମୟରେ ଡମ୍ବସରା ନିକଟରେ ବିପରୀତ ଦିଗରୁ ଆସୁଥିବା ବେଳେ ଏକ କାର୍ ସହ ଧକ୍କା ହୋଇଥିଲା।

### ବିନା ପଞ୍ଜୀକରଣରେ ମାଳମାଳ କ୍ଲିନିକ୍, ପ୍ରଶାସନ ନୀରବ

#### ଲୋକଙ୍କ ଜୀବନ ସହ ଖେଳ

ଗୁଣପୁର,୩୦।୫(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁର ସହରରେ ମାଳମାଳ ପାଥୋଲୋଜି କ୍ଲିନିକ୍ ବିନା ପଞ୍ଜୀକରଣରେ ଚାଲିଛି । ଏହା ପ୍ରଶାସନ ଜାଣତରେ ନା ଅଜାଣତରେ ହୋଇଛି, ତାହା ଲୋକେ ଜାଣିପାରୁନାହାନ୍ତି। ସ୍ୱାସ୍ଥ୍ୟ ବିଭାଗ କିମ୍ବା ଜିଲା ପ୍ରଶାସନ ଏଥିପ୍ରତି କାହିଁକି ଦୃଷ୍ଟି ଦେଉନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲୋକଙ୍କ ଜୀବନକୁ ନେଇ ଖେଳ ଚାଲିଥିବା ବେଳେ ସବୁ ଏଠି ଆଖି ବୁଜି ଦେଇଛନ୍ତି। ସାହିଠାରୁ ଆରମ୍ଭକରି ମୁଖ୍ୟ ରାସ୍ତା, ବଜାର ଏବଂ ବସ୍‌ଷ୍ଟାଣ୍ଡରେ ବିନା ଦ୍ୱିଧାରେ ଖୋଲାଖୋଲି କ୍ଲିନିକ୍ ଚାଲିଛି। ଯିଏ ପାରିଲା ସିଏ ଖୋଲିଛି କ୍ଲିନିକ୍, ସେମାନଙ୍କ ପ୍ରତି କୌଣସି ନିୟମ ନାହିଁ। ଏସବୁ ଖୋଲିବାକୁ କିଏ ଅନୁମତି ଦେଲା। ଏଥିପାଇଁ ସରକାରଙ୍କ କୌଣସି ନୀତି ନିୟମ ତଥା ଗାଇଡ୍‌ଲାଇନ ଅଛି ନା ନାହିଁ ତାହା ଏବେ ଆଲୋଚନାର ବିଷୟ ହୋଇଛି। କ୍ଲିନିକ୍ ଖୋଲିବା ପାଇଁ ସରକାରଙ୍କର କେଉଁ ନିୟମ ରହିଛି ତାହା ପାଳନ ହୋଇଛି ନା ନାହିଁ । ଏପରି କ୍ଲିନିକ୍‌ଗୁଡିକରେ ଶଯ୍ୟା ପକାଇ ରୋଗୀଙ୍କୁ ସେବା ଯୋଗାଇ ଦିଆଯାଉଛି। ବିଡ଼ମ୍ବନାର ବିଷୟ ଗୋଟିଏ ପ୍ରକାର ଚିକିତ୍ସାରେ ବିଭିନ୍ନ କ୍ଲିନିକ୍‌ରେ ଭିନ୍ନ ଭିନ୍ନ ରିପୋର୍ଟ ଆସୁଥିବା ମଧ ନଜର ରହିଛି। ରୋଗୀଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଇ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଔଷଧ ଦୋକାନୀଙ୍କଠାରୁ ଆରମ୍ଭକରି ପାଥୋଲୋଜି କ୍ଲିନିକ ଏବଂ ଡାକ୍ତରଙ୍କ ସଲାସୁତୁରାରେ ଏସବୁ ଚାଲିଥିବା ଅଭିଯୋଗ ହୋଇଛି। ସହରରେ ୨ରୁ ୩ଟି ହସ୍ପିଟାଲ ଏବଂ ପାଥୋଲୋଜି କ୍ଲିନିକ୍ ପଞ୍ଜୀକରଣ ହୋଇଥିବା ଜଣାପଡ଼ିଛି। ଏପରି ଆହୁରି ଅନେକ ୮ରୁ ୧୦ କ୍ଲିନିକ୍ ବିନା ପଞ୍ଜୀକରଣରେ ଚାଲିଥିବା ଜଣାପଡ଼ିଛି। ଏପରିକି ପଞ୍ଜୀକରଣ ପାଇଁ କେତେକ କ୍ଲିନିକ୍ ଆବେଦନ କରିଥିଲେ ମଧ ସେ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ମଧ ହୋଇଛି। ଏଥିପ୍ରତି ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

## ଆଜି ବିଶ୍ୱ ତମାଖୁ ବର୍ଜନ ଦିବସ

# ଜିଲା ଏନ୍‌ଫୋର୍ସମେଣ୍ଟ ଟିମ୍ ସାଜିଛି ନୀରବଦ୍ରଷ୍ଟା

■ ୧୮ ବର୍ଷରୁ କମ୍ ପିଲା ତମାଖୁ ସେବନରେ ଅଭ୍ୟସ୍ତ

■ ହେଉ ନାହିଁ ଧରପଗଡ଼

ରାୟଗଡା ଅଫିସ,୩୦।୫

ସ୍ୱାସ୍ଥ୍ୟ ହିଁ ସମ୍ପଦ। ମନୁଷ୍ୟ ଏହାକୁ ନିଜେ ଜାଣି ଶୁଣି ବେଳେ ବେଳେ ନଷ୍ଟକରି ଦେଇଥାଏ। କ୍ଷଣିକ ନିଶାର ମଜା ନେବା ପାଇଁ ତମାଖୁ, ଗୁଟ୍‌ଖା ଏବଂ ସିଗାରେଟ ଓ ବିଡ଼ିକୁ ଅଭ୍ୟାସରେ ପରିଣତ କରିଥାଏ। ଯାହା ମରିବା ପର୍ଯ୍ୟନ୍ତ ପିଛା ଛାଡେ ନାହିଁ। ପ୍ରଥମେ ଏହାର ଅପକାରିତା ଦେଖାଯାଇ ନ ଥାଏ,ବୟସ ହେବା ସଙ୍ଗେ ସଙ୍ଗେ ଏହା ମୁଖ ଓ ଗଳାରେ କ୍ୟାନ୍‌ସର ଭଳି ମାରାତ୍ମକ ରୋଗ ଦେଖା ଦେଇଥାଏ । ରୋଗର ଭୟାବହତା ଏତେ ହୋଇଯାଏ, ଅନେକ ଲୋକେ କ୍ୟାନ୍‌ସରରେ ମୃତ୍ୟୁ ମୁଖରେ ପଡନ୍ତି। ଅନେକ ତମାଖୁ ସେବନ କରିଥାନ୍ତି। ଲୋକଙ୍କ ମଧରେ ସଚେତନତା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ଆଦିବାସୀ ଜିଲାରେ ଏହା ଫଳପ୍ରଦ ହେଉନାହିଁ।

ବୁଧବାର ବିଶ୍ୱ ତମାଖୁ ବର୍ଜନ ଦିବସ। ସ୍ୱାସ୍ଥ୍ୟ ବିଭଗ ଏବଂ ଜିଲା ପ୍ରଶାସନ ପକ୍ଷରୁ ଲୋକଙ୍କ ମଧରେ ସଚେତନତା ସୃଷ୍ଟି କରିବା ପାଇଁ ଲୋକ ଦେଖାଣିଆ ଭାବେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥାଏ। ଏହା ପରେ ସମସ୍ତେ ଏହି ଦିନକୁ ଭୁଲି ଯାଆନ୍ତି । ସରକାରୀ ସ୍ତରରେ ଏହାକୁ ରୋକିବା ପାଇଁ ଫୁଡ୍ ଇନ୍ସପେକ୍ଟର, ଅବକାରୀ ଇନ୍ସପେକ୍ଟର, ପୋଲିସ ଇନ୍ସପେକ୍ଟର ଓ ଡ୍ରଗ୍ସ ଇନ୍ସପେକ୍ଟର ରହିଛନ୍ତି। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ରାୟଗଡା ନିୟୁ କଲୋନୀରେ ଥିବା ସନ୍ତୋଷ କୁମାର ଦାସ କହିଛନ୍ତି। ମାସରେ ୨ ଥର ପ୍ରତ୍ୟକ ଦୋକାନ ଯାଞ୍ଚ କରିବାର ନିୟମ ରହିଛି ହେଲେ କୌଣସି ଦୋକାନରେ ଚଢ଼ାଉ ହେଉନାହିଁ କି ଫାଇନ ମଧ କଟା ଯାଉନାହିଁ। ଗୁଟ୍‌ଖା ବିକ୍ରି କରାଯାଉଥିବା ଦୋକାନରେ ସଚେତନତା କରାଯିବା ବାଧତାମୂଳକ ହେଲେ ଜିଲାସ୍ତରୀୟ ଅଧିକାରୀମାନେ ତାହା ମଧ ଯାଞ୍ଚ କରୁନାହାନ୍ତି। ଯାହା ଦ୍ୱାରା ବିକ୍ରେତା ଏବଂ ଉପଭୋକ୍ତାଙ୍କର କୌଣସି ଭୟ ରହୁ ନାହିଁ। କେବଳ କାଗଜ ପତ୍ରରେ କାମ କରାଯାଉଥିବା ଦେଖାଇ ଟାର୍ଗେଟ ପୂରଣ ହେଉଥିବା ଦର୍ଶାଯାଉଛି। ହେଲେ ବାସ୍ତବରେ କୌଣସି ଧରପଗଡ଼ କରାଯାଉ ନାହିଁ। ବିଭାଗୀୟ ଅଧିକାରୀ ଚୁପ ବସିଛନ୍ତି। ପ୍ରତ୍ୟକ ଦୋକାନରେ ଗୁଟ୍‌ଖା ଖୋଲାଖୋଲି ବିକ୍ରି କରାଯାଉଛି।



ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟ ଅଣସଂକ୍ରମକ ରୋଗ ବିଭାଗ ଅତିରିକ୍ତ ମ୍ୟାନେଜର ସଂଯୁକ୍ତା ବାଗ କହିଛନ୍ତି, ସରକାରଙ୍କ ଦ୍ୱାରା ୨୦୦ଟଙ୍କା ଫାଇନ ଅମାନିଆଙ୍କ ପାଇଁ ଯଥେଷ୍ଟ ନୁହଁ। ଏହାକୁ ବୃଦ୍ଧି ସହ ଦଣ୍ଡବିଧାନ କଠୋର ହେଲେ କିଛି ପରିମାଣରେ ଏହାକୁ ରୋକାଯାଇ ରୋକାଯାଇ ପାରିବ । ରାଜ୍ୟ ସରକାର ଗୁଟ୍‌ଖା ନିଷେଧ କରିଥିବା ସତ୍ତ୍ୱେ ଏହାର ତିଆରି ଉପରେ ରୋକ୍ ଲଗାଯାଉ ନାହିଁ। ପ୍ରତ୍ୟକ ଦୋକାନ ଠେଲା ଗାଡି, ଛୋଟ ବଡ଼ ଦୋକାନ, ଘରେ ଘରେ ମାଳ ମାଳ ଗୁଟଖା ବିକ୍ରି ହଉଛି। ରାୟଗଡା ମୁଖ୍ୟ ଚିକିତ୍ସାଳୟରେ କେତେକ ରୋଗୀ ପାଟିରେ କ୍ୟାନ୍‌ସର ହୋଇଥିବାରୁ କେମୋ ନେଉଥିବା ଜଣାପଡିଛି।

ସେହିପରି ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଡାକ୍ତର ଏମ୍‌ଏ. ମଜିଦ କହିଛନ୍ତି, ତାଙ୍କ ପାଖକୁ ଆସୁଥିବା ୮୦ ପ୍ରତିଶତ ରୋଗୀ ଗୁଟ୍‌ଖା, ସିଗାରେଟ ଓ ତମାଖୁ ଆଦି ଖାଇଥାନ୍ତି। କ୍ୟାନ୍‌ରର ପ୍ରଥମ ସୋପାନରେ ହିଁ ଡାକ୍ତରଙ୍କୁ ପରାମର୍ଶ କରିବାକୁ ସେ କହିଛନ୍ତି। ଯୁବପିଢ଼ି ଏବଂ ମହିଳାମାନେ ରାୟଗଡା ଜିଲାରେ ଅଧିକ ଆସୁଥିବା ସେ କହିଛନ୍ତି । ଆଦିବାସୀ ଅଧୁଷିତ ଅଞ୍ଚଳ ହୋଇଥିବାରୁ ବିଡ଼ି, ପିକା ସିଗାରେଟ ଓ ତମାଖୁ ଆଦି ଲୋକେ ଖାଇଥାନ୍ତି। ଯାହାକୁ ପ୍ରଶାସନ ରୋକିବାରେ ବିଫଳ ହୋଇଛି। ୧୮ ବର୍ଷରୁ କମ ବୟସ ପିଲାମାନେ ତମାଖୁ ଜାତୀୟ ଦ୍ରବ୍ୟ ବିକି ପାରିବେ ନାହିଁ କି କିଣି ପାରିବେ ନାହିଁ ବୋଲି ନିୟମ ରହି ଥିଲେ ବି ଏହାକୁ କେହି ପାଳନ କରୁ ନ ଥିବା ଅଭିଯୋଗ ହୋଇଛି। ଛୋଟ ପିଲାମାନେ ବିଭିନ୍ନ ଦୋକାନରୁ ଗୁଟ୍‌ଖା କିଣି ଖାଉଥିବା ଦେଖିବାକୁ ମିଳିଛି। ମେଡିକାଲ ଓ ମନ୍ଦିର ଚତୁଃପାର୍ଶ, ବିଦ୍ୟାଳୟ ନିକଟରେ ତମାଖୁ ଜାତୀୟ ଦ୍ରବ୍ୟ ବିକିବା ନିଷେଧ ବୋଲି ନିୟମ ରହି ଥିଲେ ମଧ ଦୋକାନ ମାଲିକମାନେ ଏହାକୁ ନ ମାନି ବିକ୍ରି କରୁଛନ୍ତି। ଏ ସମ୍ପର୍କରେ ଡ୍ରଗ୍ସ ଇନ୍ସପେକ୍ଟର ପ୍ରିୟ ରଞ୍ଜନ କହିଛନ୍ତି, ଆମେ ଚଢାଉ କରୁଛୁ। କିନ୍ତୁ ଲୋକେ ମାନୁ ନାହାନ୍ତି। । ଆଗାମୀ ଦିନରେ ଆହୁରି କଡା କରିବୁ।

### ପାଣି ପାଇଁ ସାହି ବାସିନ୍ଦା ଡ଼ହଳବିକଳ

ଟିକିରି, ୩୦।୫(ଡି.ଏନ.ଏ.)

ରାୟଗଡା ଜିଲା କାଶୀପୁର ଶଙ୍କରଡା ପଞ୍ଚାୟତ ଆଦିବାସୀ ସାହିରେ ଦୀର୍ଘ ଦିନ ହେଲା ପାଣି ସମସ୍ୟା ଲାଗି ରହିଛି। ଏନେଇ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡିଓଙ୍କୁ ମଧ ଲେକେ ଜଣାଇଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଫଳରେ ବାଧ ହୋଇ ନିକଟର ଥିବା ନାଳ ଓ ଚୁଆ ଉପରେ ଲୋକେ ନିର୍ଭର କରି ଚଳୁଛନ୍ତି। ଶଙ୍କରଡା ହରିଜନ ସାହି ଓ ତଳସାହିରେ ମେଗା ପ୍ରକଳ୍ପ ପାଇପ୍ ପକାଯାଇଛି, କିନ୍ତୁ ସେହି ସବୁ ସେଠି ପଡିରହିଛି। ଶଙ୍କରଡା ପଞ୍ଚାୟତର ଆଦିବାସୀ ସାହିରେ ୧୮୦ ପରିବାର ବସବାସ କରୁଛନ୍ତି। ଜନସଂଖ୍ୟା ପ୍ରାୟ ୭୦୦। ସେହି ଭଳି ହରିଜନସାହିରେ ୧୦୦ ପରିବାର ରହୁଛନ୍ତି ଜନସଂଖ୍ୟା ପ୍ରାୟ ୩୦୦। ଏହା ସହ ଏହି ଦୁଇ ସାହିରେ ପାନୀୟ ଜଳ ସୁବିଧା ଯଦି କରା ନ ଯାଏ ଅନ୍ୟ ଦିନରେ ରାୟଗଡା ଓ କାଶୀପୁର ରାସ୍ତା ଅବରୋଧ କରିବୁ ବୋଲି ମହିଳାମାନେ କହିଛନ୍ତି। ଦୁଇଟି ସାହି ପାଇଁ ଦୁଇଟି ସୋଲାର ଚାଳିତ ପାଣି ଟାଙ୍କି ବ୍ୟବସ୍ଥା ମଧ କରାଯାଇଛି। ସେହି ସୋଲାର ଚାଳିତ ପାଇପ୍‌ରୁ ଅଳ୍ପ ପାଣି ବାହାରୁଛି। କିଛି ସମୟ ଅପେକ୍ଷା କଲେ ଆଉଥରେ ପାଣି ବାହାରୁଛି ବୋଲି ସାହି ବାସିନ୍ଦା କହିଛନ୍ତି। ସେହି ଗ୍ରାମର କେତେକ ଲୋକଙ୍କ କହିବା ଅନୁଯାୟୀ, ବର୍ଷା ଦିନ ହେଲେ ଦୂଷିତ ପାଣି ପିଇ ନାନା ରୋଗରେ ଆକ୍ରାନ୍ତ ହେଉଛୁ।

## ଦକ୍ଷିଣ ଓଡ଼ିଶା ପାଚିକା,ସହାୟିକା ମହାସଂଘର ଜିଲା ସମ୍ମିଳନୀ

ଗୁଣପୁର,୩୦।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ବିଜୁ କଲ୍ୟାଣମଣ୍ଡପରେ ସୋମବାର ଦକ୍ଷିଣ ଓଡ଼ିଶା ପାଚିକା,ସହାୟିକା ମହାସଂଘ ସହ ମିଡ୍‌ଡେ ମିଲ୍ ୱାର୍କର୍ସ ତରଫରୁ ଦ୍ୱିତୀୟ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିଲାଗି ଏକ ଶୋଭାଯାତ୍ରା ନୂତନ ବସ୍‌ଷ୍ଟାଣ୍ଡଠାରୁ ବାହାରି ବିଜୁ କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲା। ଏହାପରେ ରାଜ୍ୟ ସମ୍ପାଦକ ମହେନ୍ଦ୍ର ପରିଡ଼ା ପତାକା ଉତ୍ତୋଳନକରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପାଚିକା ସଂଘ ରାଜ୍ୟ ସଭାପତି ସବିତା ବରଜ, ଜିଲା ଉପଦେଷ୍ଟା ତ୍ରିପତି ଗମାଙ୍ଗ, ବୃନ୍ଦାବନ ବିଡ଼ିକା, ସଭାପତି ମୁନି ଶବର, ମୁକ୍ତା ଶବର, ପଦ୍ମାବତୀ ଶବର ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ୩୫ ଜଣଙ୍କୁ ନେଇ ଜିଲା କମିଟି ଗଠନ ହୋଇଥିଲା। ସଭାପତି ଭାବେ ମୁନି ଶବରଙ୍କୁ ଚୟନ କରାଯାଇଥିଲା। ଶେଷରେ ସେମାନଙ୍କର ବିଭିନ୍ନ ସମସ୍ୟା ଯଥା ପାଚିକା ଓ ସହାୟିକାଙ୍କୁ ସ୍ଥାୟୀ କରାଯିବା, ମଧ୍ୟାହ୍ନଭୋଜନକୁ ଅକ୍ଷୟ ପାତ୍ର ଓ ନନ୍ଦୀ ଫାଉଣ୍ଡେଶନ ଆଦି ଘରୋଇ ସଂସ୍ଥାକୁ ଦେବା ବନ୍ଦ କରିବା, ଶ୍ରମିକ କର୍ମଚାରୀ ବିରୋଧୀ ଶ୍ରମ କୋଡ୍‌କୁ ବାତିଲ କରିବା, ସେମାନଙ୍କୁ ନିରାପତ୍ତା ଓ ବୀମାଭୁକ୍ତ କରିବା, ମାସିକ ୨୬ ହଜାର ଟଙ୍କା ପ୍ରଦାନ, ପେନ୍‌ସନ ପ୍ରଦାନ, ନୂତନ ଶିକ୍ଷାନୀତି ୨୦୨୦କୁ ବାତିଲ କରିବା ଏପରି ୧୩ ଦଫା ଦାବି ନେଇ ଆଲୋଚନା ହୋଇଥିଲା। ଏଥି ସହ ଉପସଭାପତି ଭାବେ ମୁକ୍ତା ଶବର,ସମ୍ପାଦକ ପଦ୍ମାବତୀ ଶବର, ସହ ସମ୍ପାଦକ ଶାନ୍ତି ଶବର, କୋଷାଧକ୍ଷ ନଳିନୀ ପଣ୍ଡାଙ୍କ ସମେତ ଲଳିତା ଶବର, ପାର୍ବତୀ ଶବର, ଉର୍ମିଳା ଖଣ୍ଡଗିରି, ଦୀପ୍ତି ବେବରିଆ, ସେବତୀ ଶବର, ସବିତା ଶବର ଓ ଜୀବନ୍ତୀ ଗମାଙ୍ଗ ପ୍ରମୁଖ ଚୟନ ହୋଇଥିଲେ ।

### ବଜ୍ରପାତରେ ଜଣେ ମୃତ, ୨ ଆହତ

ବୁଗୁଡା,୩୦।୫(ଡି.ଏନ.ଏ.)

ବୁଗୁଡ଼ା ଥାନା ଅନ୍ତର୍ଗତ ମାଣିତରା ପଞ୍ଚାୟତର ତାମ୍ପିରି ଓ ମକରାପଲ୍ଲୀ ଗ୍ରାମରେ ବଜ୍ରପାତ ଯୋଗୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ବେଳେ ୨ ଜଣ ଆହତ ହୋଇଛନ୍ତି। ମୃତା ମହିଳା ଜଣକ ତାମ୍ପିରି ଗ୍ରାମର ମନି ପ୍ରଧାନ ଏବଂ ଆହତ ୨ଜଣ ମକରାପଲ୍ଲୀ ଗ୍ରାମର କାହ୍ନୁ ଆଲଟିଆ ଓ ତାମ୍ପିରି ଗ୍ରାମର ସଜନୀ ସାମଲ। ମଙ୍ଗଳବାର ଅପରାହ୍ନରେ ମନି ଓ ସଜନୀ ଆମ୍ବ ଗୋଟାଇବାକୁ ଏକ ତୋଟାକୁ ଯାଇଥିବା ବେଳେ ସେଠାରେ ବଜ୍ରପାତ ହୋଇଥିଲା। ମେଡିକାଲରେ ମନିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ଏବଂ ଆହତ ସଜନୀଙ୍କ ଚିକିତ୍ସା ଚାଲୁ ରଖିଥିଲେ।

## ବୋନସ, ସହାୟତା ପାଇଁ କେନ୍ଦୁପତ୍ର କର୍ମଚାରୀ ସଂଘର ଦାବିପତ୍ର



ଦାବିପତ୍ର ପ୍ରଦାନ କରାଯାଉଛି ।

ରାୟଗଡା ଅଫିସ,୩୦।୫

ରାୟଗଡା ଜିଲା ମୁନିଗୁଡା, ଆମ୍ବାଦଳା, ବିଷମ କଟକ, ଥେରୁବାଲି, କଲ୍ୟାଣସିଂହପୁର ଓ ରାୟଗଡା ଆଦି ଅନ୍ୟାନ୍ୟ ସ୍ଥାନର କେନ୍ଦ୍ରପତ୍ର ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକମାନଙ୍କ ବୋନସ ସହ ଅନ୍ୟାନ୍ୟ ସାମାଜିକ ନିରାପତ୍ତାମୂଳକ ସହାୟତା ଘୋଷଣା ନିମନ୍ତେ ମଙ୍ଗଳବାର ଓଡିଶା କେନ୍ଦ୍ରପତ୍ର କର୍ମଚାରୀ ସଂଘ ରାୟଗଡା ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ୧୪ଦଫା ସମ୍ବଳିତ ଦାବିପତ୍ର ରାୟଗଡା ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି।

ଦାବିପତ୍ରରେ ସରକାର ବୋନସ୍ ଘୋଷଣା ନ କରି ୧୦୦୦ଟଙ୍କା ଓ ୧୫୦୦ଟଙ୍କା ଆର୍ଥିକ ସହାୟତା ଘୋଷଣା କରିଥିବାରୁ ଏଥିରେ ଅଧିକାଂଶ ଶ୍ରମିକ କ୍ଷତିଗ୍ରସ୍ତ ହୋଇଛନ୍ତି। କେଏଲଡିଏଫ ବୈଠକ କରି କେନ୍ଦୁପତ୍ର କର୍ମଚାରୀ ସଂଘର ଦାବି ବିଷୟରେ ଆଲୋଚନା କରିବା,ଓଡିଶା ବନ ଉନ୍ନୟନ ନିଗମ କେନ୍ଦୁପତ୍ର ସଂସ୍ଥାରୁ ପୂର୍ବରୁ ପ୍ରଚଳିତ ଶତକଡା ୪ଭାଗରୁ ୬ଭାଗ କମିଶନ୍ ପ୍ରଦାନ କରିବା, କନ୍ୟା ବିବାହ ଆର୍ଥିକ ସାହାଯ୍ୟ ପ୍ରଚଳନ,ସିଜିନାଲ କର୍ମଚାରୀମାନଙ୍କ ମାସିକ ମଜୁରୀ ବୃଦ୍ଧି କରିବା,ସିଜିନାଲ କର୍ମଚାରୀମାନଙ୍କର ଚାକିରି ସର୍ତ୍ତାବଳୀ ପ୍ରଣୟନ କରାଯାଇ କାର୍ଯ୍ୟକ୍ଷମ କରିବା, ମୁନସି ଓ ଚପରାସୀଙ୍କ କାର୍ଯ୍ୟାକାଳ ଯଥାରୀତି ଧାର୍ଯ୍ୟ ହୋଇଥିବା ୯୦ଦିନ ଓ ୬୦ଦିନ ଘୋଷଣାକୁ ଦୃଢ ଭାବରେ କାର୍ଯ୍ୟକାରୀ କରିବା,ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ଛାତ୍ରବୃତ୍ତି ଯୋଜନାକୁ ଜୁନ ଶେଷ ସୁଦ୍ଧା ଘୋଷଣା କରିବା,ସିଜିନାଲ କର୍ମଚାରୀମାନଙ୍କ ଟିଏ/ଡିଏ ବୃଦ୍ଧି କରିବା,ଜୟପୁର ଓ ଖରିଆର ଡିଭିଜନ ଫାଲ ଏରିଆକୁ ପ୍ରୋସେସ ଏରିଆ ଭାବରେ ପରିବର୍ତ୍ତନ କରିବା,ୱାଚରମାନଙ୍କ ବାକିଆ ମଜୁରି ଦାବି ବିଚାରକୁ ନେବା,ତୋଳାଳିଙ୍କୁ କାର୍ଡ ପ୍ରଦାନ ପାଇଁ ୬୨ବର୍ଷକୁ ବୃଦ୍ଧି କରିବା ସହ କେନ୍ଦୁପତ୍ର ତୋଳାଳି ଏବଂ ଶ୍ରମିକମାନଙ୍କୁ ଆର୍ଥୀକ ସହାୟତା ଓ ସାମାଜିକ ନିରାପତ୍ତା ବ୍ୟାପକ ପାଇଁ ବଜେଟ୍ ୨୦୦କୋଟି ଟଙ୍କାର ବ୍ୟବସ୍ଥା ପାଇଁ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ଗୋପୀନାଥ ମାଣ୍ଡିକା,ତ୍ରିନାଥ ଦଳେଇ, ଜାଗିଲି ପ୍ରାସ୍କା, ଘାସିରାମ ତିସ୍କା ଓ କାଳିଆ କଣ୍ଡାଗରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ପୌରାଞ୍ଚଳରେ ବିଜେଡି ବୈଠକ: ଆଜି ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ

ରାୟଗଡ଼ା,୩୦।୫(ସ୍ୱ.ପ୍ର.)

ରାୟଗଡ଼ାରେ ବିଜେଡ଼ିର ଏକ ପ୍ରକାର ପ୍ରଚାର ପ୍ରସାର ପାଇଁ ପୁଣି ଥରେ ମଇଦାନକୁ ଓହ୍ଲାଇଛନ୍ତି ପୂର୍ବତନ ରାଜ୍ୟସଭା ସଦସ୍ୟ ଏନ୍.ଭାସ୍କର ରାଓ। ମଙ୍ଗଳବାର ରାଣୀଗୁଡ଼ା ବାସଭବନରେ ରାୟଗଡ଼ା ପୌର ପରିଷଦ ଅଧକ୍ଷ, ଉପାଧକ୍ଷ ଓ କାଉନସିଲରମାନଙ୍କୁ ନେଇ ଏକ କର୍ମୀ ସମ୍ମିଳନୀ ଆୟୋଜନ କରିଥିଲେ। ଏଥିରେ ପୌରାଧକ୍ଷ ପି.ମହେଶ ପଟ୍ଟନାୟକ, ଉପାଧକ୍ଷା ଶୁଭ୍ରା ପଣ୍ଡାଙ୍କ ସମେତ ପୂର୍ବତନ ପୌରାଧ୍ୟକ୍ଷ ରାଇସିଂ ବିଡ଼ିକା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧରେ ରାୟଗଡ଼ା ପୌରାଞ୍ଚଳ ୨୧ୱାର୍ଡ଼ର କାଉନସିଲରଙ୍କ ମଧ୍ୟରୁ ଶ୍ରମିତା ପାଢ଼ୀ, ସନ୍ତୋଷ ଦଳାଇ, ବି.ଜଗନ, ମମିତା, ସୁକାନ୍ତ ପରିଡ଼ା, କାଳିଦାସ ମାଣ୍ଡାଙ୍ଗି, ଶୁଣ୍ଠି ସୁମନ୍ତ, ପି.ରବି, ପି.ରାବଣା, ଏମ.ଶ୍ରୀନୁ, ଅଭି ପାଲକା, କମଳାକାନ୍ତ ମାଝି, ମାଙ୍ଗାମା ଓ ଅନ୍ୟ କାଉନସିଲରମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ବରିଷ୍ଠ ବିଜେଡ଼ି ନେତା ଚନ୍ଦ୍ରକାନ୍ତ ସାମଲ, ବିନାୟକ କର, ଏମ୍.ଗଙ୍ଗାଧର, ଲୀଳାଧର ବିଶୋଇ, ଶ୍ରୀକାନ୍ତ ଚୌଧୁରୀ, ଅବିନାଶ ବିଶୋଇ ଓ ପପୁ ପ୍ରବୀଣ କୁମାରଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। କର୍ମୀ ସମ୍ମିଳନୀରେ ଭାସ୍କର ରାଓ ପୌରାଞ୍ଚଳରେ ରାଜ୍ୟ ସରକାରଙ୍କ ସମସ୍ତ ଜନହିତକର ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଇବା, ବୁଥସ୍ତରୀୟ କମିଟି ଗଠନ, ପାନୀୟ ଜଳ, ଡ୍ରେନ୍ ଓ ପରିମଳ ସମସ୍ୟା ଆଦି ଉପରେ ୨୪ ୱାର୍ଡ଼ର ଜନସାଧାରଣଙ୍କ ସହ ଆଲୋଚନା କରି ଏହାର ସମାଧାନ କରିବାକୁ କହିଥିଲେ।



କର୍ମୀ ସମ୍ମିଳନୀରେ ଭାସ୍କର ରାଓଙ୍କ ସହିତ ପୌରାଧ୍ୟକ୍ଷ ମହେଶ, ଉପାଧକ୍ଷା ଶୁଭ୍ରା ପଣ୍ଡା ଓ ପୂର୍ବତନ ପୌରାଧ୍ୟକ୍ଷ ରାଇସିଂ ବିଡ଼ିକା।

ସେହିଭଳି ଓବିସି ସର୍ଭେରେ ଯେଭଳି ରାୟଗଡ଼ା ପୌରାଞ୍ଚଳର ପ୍ରତ୍ୟେକ ଓବିସି ବର୍ଗର ସମସ୍ତେ ପଞ୍ଜୀକୃତ ହୋଇପାରିବେ ସେନେଇ ବିଶେଷ ଧ୍ୟାନ ଦେବାକୁ ଭାସ୍କର ରାଓ କହିଥିଲେ। ପୌରାଧକ୍ଷ ପଟ୍ଟନାୟକ ମଧ ପୌର ପରିଷଦ ମାଧ୍ୟମରେ ପୌରାଞ୍ଚଳରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ । ବୁଧବାର ରାୟଗଡ଼ାରେ ବିଜେଡ଼ି ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ହେବା ନେଇ ରାଓ ସୂଚନା ଦେଇଛନ୍ତି ।

## ଅନିୟମିତତାକୁ ନେଇ ଦାବିପତ୍ର ଦେଲେ କ୍ରୀଡ଼ାବିତ୍

### କ୍ରୀଡା ସଂସଦ କୋର କମିଟି ଗଠନକୁ ବିରୋଧ

ରାୟଗଡା ଅଫିସ,୩୦।୫

ଜିଲା କ୍ରୀଡା ସଂସଦ କୋର କମିଟିଗଠନରେ ଅନିୟମିତତା ହୋଇଥିବା ଅଭିଯୋଗ କରି ମଙ୍ଗଳବାର ଜିଲାର କ୍ରୀଡାବିତ୍‌ମାନେ ଏକ ଲିଖିତ ଅଭିଯୋଗପତ୍ର ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରାଙ୍କୁ ପ୍ରଦାନ କରିଛନ୍ତି।

ପ୍ରକାଶ ଯେ, ପୂର୍ବରୁ ଜିଲା କ୍ରୀଡା ଅଧିକାରୀଙ୍କ ଅଧକ୍ଷତାରେ ଏକ ବୈଠକ କରାଯାଇଥିଲା । ସେଥିରେ ଜିଲାର କ୍ରୀଡା ସଂସଦ ନିର୍ବାଚନ ପାଇଁ ଗତ ୨୪ ତାରିଖରେ କୋର କମିଟି ଗଠନ ହୋଇଥିଲା। ସେହି କମିଟିରେ ୯ ଜଣ ସଦସ୍ୟଙ୍କ ନାମ ଚୟନ କରାଯାଇଥିଲା। ୨୫ ତାରିଖରେ ଏକ ହ୍ୱାଟ୍‌ସ୍‌ଆପ ଗ୍ରୁପ୍‌ରେ ପୁଣି ଏହି ସଦସ୍ୟଙ୍କ ନାମ ୨୦କୁ ବୃଦ୍ଧି କରାଯାଇଛି। ଏଥିରେ ଥିବା ସଦସ୍ୟମାନେ କ୍ରୀଡାବିତ୍ ନ ହୋଇ ରାଜନୀତି ଏବଂ ସହରର ପ୍ରତିଷ୍ଠିତ ବ୍ୟକ୍ତିମାନେ ରହିଛନ୍ତି। ଯାହାକୁ ଆମେ ଘୋର ବିରୋଧ କରୁଛୁ ବୋଲି କ୍ରୀଡାବିତ୍‌ମାନେ କହିଛନ୍ତି। କେବଳ କ୍ରୀଡାବିତ୍‌ମାନଙ୍କୁ ଏହି କୋର କମିଟିରେ ସଦସ୍ୟ ରଖାଯାଉ ବୋଲି ଦାବି କରିଛନ୍ତି। ଏପରି ରାଜନୀତି ପାଇଁ ପୂର୍ବରୁ ୨୦ ବର୍ଷ ହେଲା କ୍ରୀଡା ସଂସଦ ନିର୍ବାଚନ ନ ହୋଇ ରହିଥିଲା ବୋଲି ଅଭିଯୋଗ କରିଛନ୍ତି କ୍ରୀଡାବିତ୍। ତେଣୁ ପୁନର୍ବାର ବିଚାରକରି କୋର କମିଟି ଗଠନ କରିବାକୁ ଅନୁରୋଧ କରିଛନ୍ତି । ଏଥିରେ ରାୟଗଡା ସହରର କ୍ରୀଡାବିତ୍‌ମାନେ ଉପସ୍ଥିତ ଥିଲେ ।



କ୍ରୀଡ଼ାବିତ୍‌ମାନେ ଦାବିପତ୍ର ଦେଉଛନ୍ତି ।

# ୩୦ ବର୍ଷ ପରେ ବି ପହଞ୍ଚିନି ବିକାଶ

■ ଜମି ପଟ୍ଟା, ଆବାସ ଯୋଜନାରେ ଘର ନାହିଁ

■ ସମସ୍ୟା ସମାଧାନ ନ ହେଲେ ଧାରଣା ଚେତାବନୀ

ରାୟଗଡ଼ା,୩୦।୫(ସ୍ୱ.ପ୍ର.)

ରାୟଗଡ଼ା ଜିଲା ଘୋଷଣା ହୋଇ ୩୦ ବର୍ଷ ବିତିଯାଇଥିଲେ ମଧ ସଦର ମହକୁମା ରାୟଗଡ଼ାଠାରୁ ମାତ୍ର ୧୭ କି.ମି.ଦୂରରେ ଥିବା ଜେମାଦେଇପେଣ୍ଠ ପଞ୍ଚାୟତର ୧୪୦ ପରିବାରଙ୍କ ପାଖରେ ଆଜି ବି ଜମି ପଟ୍ଟା ନାହିଁ କି ଘର ନାହିଁ। ଏନେଇ ବାରମ୍ବାର ଅଭିଯୋଗକଲେ ମଧ କୌଣସି ପ୍ରଶାସନିକ ଅଧିକାରୀ ଶୁଣୁ ନ ଥିବା ସାହି ବାସିନ୍ଦା ଅଭିଯୋଗ କରିଛନ୍ତି । ଏହିଭଳି ଦେଖିବାକୁ ମିଳିଛି ଜେମାଦେଇପେଣ୍ଠ ପଞ୍ଚାୟତରେ।

ପ୍ରକାଶ ଯେ,୧୯୯୫ ମାର୍ଚ୍ଚ ୫ରେ ଜେମାଦେଇପେଣ୍ଠ ମାଳାସାହିରେ ବିଦ୍ୟୁତ୍ ଶର୍ଟ ସର୍କିଟ୍‌ରୁ ୮୦ ବଖରା ଜଳିଯାଇଥିଲା। କିନ୍ତୁ ଲୋକେ ବର୍ତ୍ତିଯାଇଥିଲେ। ସାହିବାସିନ୍ଦାଙ୍କ କହିବାନୁସାରେ, ଉକ୍ତ ଦିନ ଓଡ଼ିଶାର ତତ୍କାଳୀନ ଶିକ୍ଷାମନ୍ତ୍ରୀ ତଥା ରାୟଗଡ଼ା ବିଧାୟକ ସ୍ୱର୍ଗତ ରାମଚନ୍ଦ୍ର ଉଲାକା ଜେମାଦେଇପେଣ୍ଠକୁ କଂଗ୍ରେସ କର୍ମୀଙ୍କ ସହ ଯାଇଥିଲେ। ସେଠାରେ ବିଦ୍ୟାଳୟ ଛାତ୍ରୀଛାତ୍ର ସ୍ୱର୍ଗତ ଉଲାକାଙ୍କ ସହ ଶୋଭାଯାତ୍ରାରେ ବାହାରିଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟା୩୦ରୁ ଅପରାହ୍ନ ୧ଟା ମଧରେ ମାଳାସାହି ସ୍ଥିତ କେ.ନାଗଭୂଷଣ ରାଓଙ୍କ ଘରେ ବିଦ୍ୟୁତ୍ ଶର୍ଟ ସର୍କିଟ୍‌ରୁ ନିଆଁ ଲାଗି ୮୦ ଘର ଓ ଆସବାବପତ୍ର ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ଏହାପରେ ଜିଲା କଂଗ୍ରେସର ଜଣେ ଟାଣୁଆ ନେତା ସ୍ୱର୍ଗତ ଡୋକି ସତ୍ୟନାରାୟଣ ରାଓଙ୍କ ନେତୃତ୍ୱରେ ସାହିବାସିନ୍ଦା ମନ୍ତ୍ରୀଙ୍କୁ ଅନୁରୋଧ କରିବାରୁ ସେମାନଙ୍କୁ ସରକାରଙ୍କ ଦ୍ୱାରା ଥଇଥାନ ବ୍ୟବସ୍ଥା କରିଥିଲେ। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ସେମାନଙ୍କୁ ଉକ୍ତ ଜମିର ପଟ୍ଟା ନ ମିଳିବାରୁ ପୂର୍ବଦିନରୁ ଇନ୍ଦିରା ଆବାସ, ବିଜୁ ପକ୍କାଘର, ବସୁନ୍ଧରା ଏବଂ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି ଏହି ୮୦ ପରିବାର।

ଦିନ ମଜୁରିକରି ଜୀବନ ଅତିବାହିତ କରୁଥିବା ପରିବାରଙ୍କୁ ସରକାରୀ ସହାୟତା ନ ମିଳିବାରୁ ଘରଗୁଡ଼ିକର ମରାମତି ମଧ କରିପାରୁ ନାହାନ୍ତି। ବର୍ତ୍ତମାନ ସେହି ଘରଗୁଡ଼ିକର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି । ଛାତରୁ ସିମେଣ୍ଟ ବାହାରି ଲୁହା ରଡ୍‌ଗୁଡ଼ିକ ଦେଖାଯାଉଛି । ଲୋକେ ରାତିରେ ଶୋଇଥିବା ବେଳେ ସିମେଣ୍ଟ ଖଣ୍ଡ ଭାଙ୍ଗି ପଡୁଛି। ଏଭଳିକି ଘରର କାନ୍ଥ ମଧ୍ୟ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଘର ଛାତ କେଉଁ ସମୟରେ ଭୁଶୁଡ଼ିପଡ଼ିବ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ସାହିରେ ପାନୀୟ ଜଳର ମଧ ବିଶେଷ ସୁବିଧା ନାହିଁ। ୫ ବର୍ଷ ତଳେ ଏକ ନଳକୂପ ଖନନ ସହ ସେଠାରେ ଏକ ପାଣିଟାଙ୍କି କରାଯାଇଛି ହେଲେ ଉକ୍ତ ନଳକୂପ ଅଚଳାବସ୍ଥାରେ ପଡ଼ି ରହିଛି ।



ବସ୍ତିରେ ଥିବା କୁଡ଼ିଆଘର।

ଏହିଭଳି ଶୋଚନୀୟ ଅବସ୍ଥାରେ ରହି ନେତା, ମନ୍ତ୍ରୀଙ୍କୁ କେତେ ଗୁହାରି କରିବାରୁ ମଧ୍ୟ କେହି ନ ଶୁଣିବାରୁ ଶେଷରେ ସେମାନେ ଯୁବ କଂଗ୍ରେସ ନେତା ଭବାନୀ ଶଙ୍କର ଜେନାଙ୍କୁ ଭେଟି ସମସ୍ୟା ଜଣାଇଥିଲେ। ଏହାପରେ ଭବାନୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ସାଥିରେ ନେଇ ମଙ୍ଗଳବାର ଜେମାଦେଇପେଣ୍ଠ ଯାଇ ମାଳାସାହି ପରିଦର୍ଶନ କରିଥିଲେ। ସାହିବାସିନ୍ଦାଙ୍କ ଘର ଅବସ୍ଥା ଅତି ଶୋଚନୀୟ ରହିଥିବା ଦେଖିବାକୁ ମିଳିଛି। ମାଳାସାହିର ୱାର୍ଡମେମ୍ବର କେ.ରବି କହିଛନ୍ତି, ଏ ନେଇ ବାରମ୍ବାର ଗୁହାରିକଲେ ମଧ ପ୍ରଶାସନିକ ଅଧିକାରୀ ଓ ମନ୍ତ୍ରୀଙ୍କ ଦୃଷ୍ଟି ପଡୁନାହିଁ। ଆମ ସାହି ବାସିନ୍ଦାଙ୍କୁ ଜମି ପଟ୍ଟା ଦେଲେ ସେମାନେ ଆବାସ ଯୋଜନାରେ ନୂତନ ଘର ଖଣ୍ଡିଏ ପାଇପାରିବେ ବୋଲି ରବି କହିଛନ୍ତି।

ସେହିଭଳି ସାହିର କେ.ଗୌରାମ୍ମା, ୱାଇ.ଶ୍ରୀନୁ, କେ.ନାଗଭୂଷଣଙ୍କ ସମେତ ସମସ୍ତ ସାହିବାସିନ୍ଦା କହିଛନ୍ତି, ପ୍ରଶାସନଠାରୁ ଆରମ୍ଭକରି ନେତା,ମନ୍ତ୍ରୀ ସମସ୍ତଙ୍କୁ ଗୁହାରିକଲୁ ହେଲେ ଫଳ ଶୂନ୍ୟ । ଅପରପକ୍ଷେ ନିକଟସ୍ଥ ସୀମାନ୍ତ ଆନ୍ଧ୍ରପ୍ରଦେଶରେ ଗରିବଙ୍କୁ ଜମି ପଟ୍ଟା ଓ ଆବାସ ଯୋଜନା ମିଳୁଛି । ହେଲେ ଆମକୁ ୩୦ ବର୍ଷ ହେଲାଣି କିଛି ମିଳୁନାହିଁ। ଯଦି ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟିଦେଇ ଆମକୁ ଯଥାଶୀଘ୍ର ଜମି ପଟ୍ଟା ଓ ଆବାସ ଯୋଜନାରେ ସାମିଲ ନ କରନ୍ତି ତେବେ ଆଗାମୀ ଦିନରେ ଭୋଟ ବର୍ଜନ କରିବା ସହ ସୀମାନ୍ତ ଆନ୍ଧ୍ରପ୍ରଦେଶରୁ ସହଯୋଗ ଆଣିବାକୁ ବାଧ ହେବୁ ବୋଲି ସାହିବାସିନ୍ଦା କହିଛନ୍ତି।

ଏନେଇ ଯୁବକଂଗ୍ରେସ ନେତା ଭବାନୀ କହିଛନ୍ତି, ଆମ ଜିଲାର ବିଧାୟକ ଜଗନ୍ନାଥ ସାରକା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ହୋଇଥିବା ବେଳେ ଆଜିବି ଜିଲା ସଦର ମହକୁମା ବ୍ଲକ ବାସିନ୍ଦା ବିକାଶର ସ୍ୱାଦ ଚାଖିବା ତ ଦୂରର କଥା ବିକାଶ କ'ଣ ଜାଣି ନ ଥିବା ଆଶ୍ଚର୍ଯ୍ୟର ବିଷୟ। ଜେମାଦେଇପେଣ୍ଠରେ ରାଜସ୍ୱ ନିରୀକ୍ଷକ ଥିବା ବେଳେ ରାୟଗଡ଼ାରେ ତହସିଲ କାର୍ଯ୍ୟାଳୟ ଓ କର୍ମଚାରୀ ରହିଛନ୍ତି। ହେଲେ ସେମାନେ ଏ ବିଷୟରେ ଜାଣିନାହାନ୍ତି ନା ଜାଣି ଚୁପ୍ ରହୁଛନ୍ତି ବୋଲି ଭବାନୀ କହିଛନ୍ତି। ଏଣୁ ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ଏହାର ସମାଧାନ ନ କଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଭବାନୀ କହିଛନ୍ତି। ଏନେଇ ରାୟଗଡ଼ା ତହସିଲଦାର ତାପସ ରାଉତଙ୍କୁ ପଚାରିବାରୁ ବର୍ତ୍ତମାନ ସୁଦ୍ଧା ତାଙ୍କ ନିକଟକୁ ସେଭଳି କୌଣସି ଅଭିଯୋଗ ଆସିନାହିଁ । ଏ ବିଷୟରେ ସାହିବାସିନ୍ଦା ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ନଚେତ୍ ତହସିଲଦାରଙ୍କୁ ଲିଖିତଭାବେ ଜଣାଇଲେ ସେ ନିଶ୍ଚୟ ଏନେଇ ପଦକ୍ଷେପ ନେବେ । ସାହିବାସିନ୍ଦା ବସୁନ୍ଧରା ଯୋଜନାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କିମ୍ବା ତହସିଲ ଅଫିସ୍‌ରେ ଆବେଦନ କରିପାରିବେ। ଏହାର ତଦନ୍ତ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ସୁବିଧା ଯୋଗାଯିବ ବୋଲି ତହସିଲଦାର ରାଉତ କହିଛନ୍ତି ।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୩ ଗୋରୁ ମୃତ



ମାଲକାନଗିରି/ଚିତ୍ରକୋଣ୍ଡା,୩୦।୫(ଡି.ଏନ୍.ଏ.)-ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ବଡ଼ପଡ଼ା ପଞ୍ଚାୟତ କାର୍ଲାମାଲ ଗ୍ରାମରେ ବିଦ୍ୟୁତ୍ ତାର ଛିଣ୍ଡି ୩ ଗୋରୁଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ସକାଳୁ କାର୍ଲାମାଲ ଗ୍ରାମବାସୀ ନିକଟସ୍ଥ ଜମିରେ ତିନୋଟି ଗୋରୁ ମରି ପଡିଥିବା ଦେଖିବାକୁ ପାଇଥିଲେ। ତେବେ ନିକଟରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରୁ ତାର ଛିଣ୍ଡି ତଳେ ପଡିଥିବା ବେଳେ ଉକ୍ତ ତାର ସଂସ୍ପର୍ଶରେ ଆସି ଏପରି ମୃତ୍ୟୁ ହୋଇଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ଚିତ୍ରକୋଣ୍ଡା ବିଦ୍ୟୁତ୍ ବିଭାଗକୁ ଖବର ଦେଇଥିଲେ। ରିପୋର୍ଟ ଲେଖାହେବା ସୁଦ୍ଧା ମଧ୍ୟାହ୍ନ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଭାଗର କୌଣସି କର୍ମଚାରୀ ଘଟଣାସ୍ଥଳକୁ ଯାଇ ନ ଥିବା ଜଣାପଡିଛି। ତେବେ ଗୋରୁ ମାଲିକମାନଙ୍କୁ କ୍ଷତିପୂରଣ ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

### ସଡକ ଦୁର୍ଘଟଣାରେ ଜଣେ ମୃତ

ଏମ୍‌ଭି ୭୯,୩୦।୫(ଡି.ଏନ.ଏ.)-ମାଲକାନଗିରି ଜିଲା କାଲିମେଳା ବ୍ଲକ ମୋଟୁ ଥାନା ଅନ୍ତର୍ଗତ ମହାରାଜପଲ୍ଲୀଠାରେ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଏମ୍‌ଭି ୯୮ ଗ୍ରାମର ପୋଲାସ ବିଶ୍ୱାସ(୧୯)। ପୋଲାସ ମୋଟୁଠାରୁ ନିଜ ଗ୍ରାମକୁ ଯାଉଥିବା ସମୟରେ ମହାରାଜପଲ୍ଲୀଠାରେ କୌଣସି ଏକ ଗାଡି ସହ ତାଙ୍କୁ ଧକା ଦେଇଥିଲା। ମୋଟୁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଦୁର୍ଘଟଣା କିପରି ଘଟିଛି ତାର ତଦନ୍ତ କରୁଛି।

### ପାଣିରେ ବୁଡି ନାବାଳକ ମୃତ

ଏମ୍‌ଭି ୭୯, ୩୦।୫(ଡି.ଏନ.ଏ.)-ମାଲକାନଗିରି ଜିଲା ଏମ୍‌ଭି ୭୯ ଥାନା ଶିମିଳିବାଞ୍ଚା ପଞ୍ଚାୟତ କାପନପଲ୍ଲୀ ଗ୍ରାମରେ ଜଣେ ୬ ବର୍ଷର ନାବାଳକର ପାଣିରେ ବୁଡି ମୃତ୍ୟୁ ଘଟିଛି। ସେ ହେଲେ କାପନପଲ୍ଲୀ ଗ୍ରାମର ଏରା କମରାମଙ୍କ ପୁଅ ଇର୍ମା କମରାମ(୬)। ଏ ନେଇ ଏମଭି ୭୯ ଥାନାରେ ଅଭିଯୋଗ ହୋଇଛି। ସୂଚନାନୁସାରେ, ସୋମବାର ଅପରାହ୍ଣ ପ୍ରାୟ ୨ ଟାରେ ଘରଠାରୁ ୫ ଶହ ମିଟର ଦୂରରେ ଥିବା ଏକ ପୋଖରୀ ହୁଡାରେ ସେ ଖେଳୁଥିଲା । ଏହି ସମୟରେ ଇର୍ମାର ଗୋଡ ଖସିଯିବାରୁ ସେ ପାଣିରେ ବୁଡି ଯାଇଥିଲା। ପ୍ରାୟ ୨ ଘଣ୍ଟା ଧରି ପରିବାର ଲୋକେ ଖୋଜାଖୋଜି କରିବା ପରେ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ସନ୍ଧ୍ୟା ହୋଇଯିବାରୁ ମଙ୍ଗଳବାର ସକାଳେ ପରିବାର ଲୋକେ ଥାନାରେ ଏତଲା ଦେଇଥିଲେ। ପୋଲିସ ଇର୍ମାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ନଂ ୯/୨୩ ମାମଲା ରୁଜୁ କରାଯାଇ କରାଯାଇଥିବା ଥାନା ଅଧିକାରୀ ସୁନୀଲ କୁମାର ସୋରେନ କହିଛନ୍ତି।

# ମ୍ୟାଲେରିଆ ନିୟନ୍ତ୍ରଣ ନେଇ ଟାସ୍କ ଫୋର୍ସ ବୈଠକ

ମାଲକାନଗିରି,୩୦।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମା ଜିଲା ମୁଖ୍ୟ ଚିକିତ୍ସାଳୟରେ ମଙ୍ଗଳବାର ମ୍ୟାଲେରିଆ ଓ ଅନ୍ୟାନ୍ୟ ଭେକ୍ଟର ବାହିତ ରୋଗର ନିୟନ୍ତ୍ରଣ ଟାସ୍କଫୋର୍ସ ବୈଠକ ଜିଲାପାଳ ବିଶାଳ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଗତ ବର୍ଷ ୪୮୧୬ ମାଲେରିଆ ରୋଗୀ ଚିହ୍ନଟ ହୋଇଥିବା ବେଳେ ଚଳିତ ବର୍ଷ ଜାନୁୟାରୀରୁ ଏପ୍ରିଲ ମଧ୍ୟରେ ୧୨୮୬ ମାଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି। ଜିଲାରେ ୧୯୮ଟି ରକ୍ତ ଚିକିତ୍ସା କେନ୍ଦ୍ର ଘୋଷଣା କରିବା ପାଇଁ ବ୍ୟବସ୍ଥା କରାଯିବ। ସେହିପରି ବିଦ୍ୟାଳୟ ଓ ଗ୍ରାମ ସ୍ତରରେ ଭିଡିଓ ଶୋ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲାରେ ୨୨୫୧ ଗ୍ରାମରୁ



ବୈଠକରେ ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି ।

୬୪୯ ଗ୍ରାମ ହିଁ ଅଧିକ ମାଲେରିଆପ୍ରବଣ। ସେହି ଗ୍ରାମଗୁଡିକରେ ପଦକ୍ଷେପ ନିଆଯିବ ବୋଲି ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ ସୂଚନା ଦେଇଛନ୍ତି। ଡ. ଧନେଶ୍ୱର ମହାପାତ୍ର, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ମଶାବାହିତ ରୋଗ) ସଭାର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜିଲା ମଶାବାହିତ ରୋଗ ପରାମର୍ଶଦାତା ଅଜିତ ଦଳାଇ, ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଡେଙ୍ଗୁ ରୋଗର ନିୟନ୍ତ୍ରଣ ପାଇଁ ମଧ୍ୟ ଜିଲାପାଳ ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ। ଏଠାରେ କିଭଳି ମାଲକାନଗିରି ଜିଲାକୁ ମାଲେରିଆମୁକ୍ତ କରା ଯାଇପାରିବ ସେଥିନିମନ୍ତେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଅତିରିକ୍ତ ଆରକ୍ଷୀ ଅଧ୍ୟକ୍ଷ ବଳଭଦ୍ର ଦୀପ, ଜିଲା ପ୍ରକଳ୍ପ ପରିଚାଳକ ସସ୍ମିତା ସାହୁ, ମ୍ୟାଲେରିଆ ବିଶେଷଜ୍ଞ ବିକାଶ ପାଣିଗ୍ରାହୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ୭ ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମାଲକାନଗିରି ଉପଜିଲାପାଳଙ୍କୁ ସମ୍ମାନସୂଚକ ଡକ୍ଟରେଟ



ଉପଜିଲାପାଳଙ୍କୁ ଡକ୍ଟରେଟ ଉପାଧି ପ୍ରଦାନ କରାଯାଉଛି ।

ମାଲକାନଗିରି,୩୦।୫(ଡି.ଏନ୍.ଏ.)

ମାଲକାନଗିରି ଉପଜିଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧିରେ ସମ୍ମାନିତ କରାଯାଇଛି। ତାମିଲନାଡୁସ୍ଥିତ ପେରାମବୁଲୁରଟାରେ ଏକ ଅନ୍ତଃରାଷ୍ଟ୍ରୀୟ ଦୀକ୍ଷାନ୍ତ ସମାରୋହରେ ଡକ୍ଟର ଇନ୍ ଫିଲୋସୋଫି, ଅନରିସ୍ କୋଜାରେ ସମ୍ମାନିତ କରାଯାଇଛି। ଏହି ଡକ୍ଟରେଟ ସମ୍ମାନ ଉତ୍ତର ମେରିଆନା ଆଇଲେଣ୍ଡ, ଯୁକ୍ତ ରଷ୍ଟ୍ର ଆମେରିକାରେ ଅବସ୍ଥିତ ସମ୍ମାନଜନକ କାଲିଫର୍ଣିଆ ପବ୍ଲିକ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଦାନ କରାଯାଇଛି । ଖେମୁଣ୍ଡୁଙ୍କୁ ପବ୍ଲିକ ଆଡମିନିଷ୍ଟ୍ରସନ (ସାଧାରଣ ପ୍ରଶାସନ) ବିଷୟବସ୍ତୁ ଉପରେ ଗଭୀର ଅଧ୍ୟୟନ ରହିଛି। ବିଭିନ୍ନ କାର୍ଯ୍ୟଶୈଳୀ, ଦକ୍ଷତା ଓ କର୍ମ ନିପୁଣତା ଜନସାଧାରଣଙ୍କ ପାଖରେ ସରକାରଙ୍କ ବିଭିନ୍ନ ଯୋଜନାକୁ ପହଞ୍ଚାଇ ଫଳପ୍ରଦ କରିବା ଇତ୍ୟାଦି ବିଷୟକୁ କାଲିଫର୍ଣିଆ ବିଶ୍ୱବିଦ୍ୟାଳୟ ସିନେଟ ଅନୁଧ୍ୟାନ କରିବା ପରେ ଖେମୁଣ୍ଡୁଙ୍କୁ ଏହି ଉପାଧିରେ ଭୂଷିତ କରାଯାଇଛି।

# ଜିଲା ଆଇନ ସେବା ପ୍ରାଧିକରଣର ଦିବ୍ୟାଙ୍ଗ, ଅସହାୟଙ୍କୁ ଥଇଥାନ

ମାଲକାନଗିରି, ୩୦।୫(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ବହୁ ଦିବ୍ୟାଙ୍ଗ, ଅସହାୟ, ମାନସିକ ବିକାରଗସ୍ତ, ଦିବ୍ୟାଙ୍ଗ ଶିଶୁ ଅଛନ୍ତି, ଯେଉଁମାନେ କି ଲୋକ ଲୋଚନକୁ ଆସି ନ ପାରିବାରୁ ସେମାନେ ବିଭିନ୍ନ ସହାୟତା ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଦିବ୍ୟାଙ୍ଗ, ମାନସିକ ବିକାରଗ୍ରସ୍ତ ଓ ଦିବ୍ୟାଙ୍ଗ ଶିଶୁମାନଙ୍କୁ ଚିହ୍ନଟକରିବା ସହ ସେମାନଙ୍କ ଥଇଥାନ ଓ ସମସ୍ତ ସାହାଯ୍ୟ ସହଯୋଗ ଓ ଉପକରଣ ଯୋଗାଇ ଦେବା ପାଇଁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷା ତଥା ଜିଲା ବିଚାରପତି ଅଜନ୍ତା ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ତଥା ଜଲା ଆଇନ ସେବା ପ୍ରାଧିକରଣ ସଚିବ ରାକେଶ ମୁଦୁଲିଙ୍କ ତତ୍ତ୍ୱାବଧାନରେ ଜିଲାସ୍ତରୀୟ ଓ କ୍ଷେତ୍ର ଅଧିକାରୀଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ସମସ୍ତ ଅଙ୍ଗନୱାଡି କର୍ମୀ ତଥ୍ୟ ସଂଗ୍ରହ କରି ସେମାନଙ୍କ ଆବଶ୍ୟକତା ଜିଲା ଆଇନ ସେବା ପ୍ରାଧିକରଣଙ୍କ ଦୃଷ୍ଟିକୁ ଅଧିକାରୀମାନଙ୍କ ମାଧ୍ୟମରେ ଆଣଛନ୍ତି। ଆଇନ ସେବାର ମୁଖ୍ୟ ପ୍ରତିପକ୍ଷ ଓକିଲ ଅଶୋକ କୁମାର ପଟ୍ଟନାୟକ, ରାଜେଶ କୁମାର ପଟ୍ଟନାୟକ, ସାଗର କୁମାର ପାଣିଗ୍ରାହୀ ବିଭିନ୍ନ ଗ୍ରାମ ବୁଲି ଦିବ୍ୟାଙ୍ଗ ଓ ଅସହାୟଙ୍କ ସ୍ଥିତି ପରଖି ସେମାନଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରୁଛନ୍ତି। ମାଲକାନଗିରି ଜିଲାରେ ଥିବା ପ୍ରାୟ ୧୪ ହଜାରରୁ ଉର୍ଦ୍ଧ୍ୱ ଏହି ଶ୍ରେଣୀର ବ୍ୟକ୍ତି ବିଶେଷଙ୍କୁ ଚିହ୍ନଟକରି ତାଙ୍କୁ ସମସ୍ତ ଉପକରଣ ଯୋଗାଇ ଦିଆଯିବ। ଏଥିସହ ମାନସିକ ବିକାରଗସ୍ତ ମହିଳା ଓ ପୁରୁଷଙ୍କୁ ଚିହ୍ନଟକରି ପୋଲିସ ଓ ଜିଲା ଚିକିତ୍ସାଳୟ ସହାୟତାରେ ଚିକିତ୍ସା କରାଯିବ ବୋଲି ସଚିବ ମୁଦୁଲି ସୂଚନା ଦେଇଛନ୍ତି ।



ସଚିବ ରାକେଶ ମୁଦୁଲି ଓ ଅନ୍ୟମାନେ ୯ନମ୍ବର ୱାର୍ଡରେ ଜଣେ ଅସହାୟ ମହିଳାଙ୍କ ସମସ୍ୟା ବୁଝୁଛନ୍ତି ।

## ଛାତ୍ରୀଙ୍କୁ ବଳାତ୍କାର ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୩୦।୫:

ବ୍ରହ୍ମପୁର ସ୍ୱତନ୍ତ୍ର ପୋକସୋ କୋର୍ଟ ବିଚାରପତି ପ୍ରଭାତ କୁମାର ରାଜଗୁରୁ ମଙ୍ଗଳବାର ଜଣେ ଯୁକ୍ତ ୨ ଛାତ୍ରୀଙ୍କୁ ବଳାତ୍କାର ମାମଲାର ଶୁଣାଣି କରିଛନ୍ତି। ପ୍ରମାଣ ଅଭାବରୁ ଅଭିଯୁକ୍ତ କାଳିଆ ଓରଫ ବଳଭଦ୍ର ନାୟକ(୨୫)ଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ସଦର ଥାନା ଅଞ୍ଚଳର କାଳିଆ ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ଯୁକ୍ତ ୨ ଛାତ୍ରୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଅପହରଣ କରିଥିଲେ। ଏ ନେଇ ପରିବାର ଲୋକେ ଗୋଳନ୍ଥରା ଥାନାରେ ୨୦୨୧ ନଭେମ୍ବର ୨୭ରେ ଅଭିଯୋଗ କରିଥିଲେ। ପୋଲିସ ନଂ ୩୩୫/୨୧ ରେ ଏକ ମାମଲା ରୁଜୁ କରି ଅନୁସନ୍ଧାନ ପରେ କୁଆଁରପୁର ଗ୍ରାମରେ ଛାତ୍ରୀ ଜଣଙ୍କୁ କାଳିଆ ରଖିଥିବା ଜାଣିବାକୁ ପାଇଥିଲା। ପୋଲିସ ସେଠାରେ ଚଢଉ କରି ଛାତ୍ରୀଙ୍କୁ ଉଦ୍ଧାର କରିବା ସହ କାଳିଆଙ୍କୁ ମଧ୍ୟ ଗିରଫ କରିଥିଲା। କାଳିଆ ବିବାହର ପ୍ରତିଶ୍ରୁତି ଦେଇ ଅପହରଣ କରି ନିଜ ଘରକୁ ନେଇ ସେଠାରେ ବଳାତ୍କାର କରିଥିଲା ବୋଲି ପୀଡ଼ିତା ଛାତ୍ରୀ ଜଣଙ୍କ ଥାନାରେ ବୟାନ ଦେଇଥିଲେ। ପୋଲିସ କାଳିଆଙ୍କୁ ବଳାତ୍କାର ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏସ୍‌ଆଇ ଜ୍ଞାନ ରଞ୍ଜନ ସାହୁ କୋର୍ଟରେ ଅଭିଯୋଗପତ୍ର ଦାଖଲ କରିଥିଲେ। ପରେ କାଳିଆ ଜାମିନରେ ମୁକୁଳିଥିଲେ। ଏହି ମାମଲାର ବିଚାର ଚାଲିଥିବା ବେଳେ କୋର୍ଟରେ ୧୫ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା।

# ମନ୍ଦିର ଉନ୍ନତି ନେଇ ଉନ୍ନୟନ କମିଟି ସଭ୍ୟଙ୍କ ସହ ଆଲୋଚନା



ଉନ୍ନୟନ କମିଟି ସଦସ୍ୟମାନେ ସଭ୍ୟଙ୍କ ସହ ଆଲୋଚନା କରୁଛନ୍ତି ।

କୋରୁକୋଣ୍ଡା ୩୦।୫(ଡି.ଏନ୍. ଏ.)

ମାଲକାନଗିରି ଜିଲାରେ ଧାର୍ମିକ ତଥା ସାଂସ୍କୃତିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକୁ ଅଗ୍ରାଧିକାର ଦେଇ ଗତ ଦିନରେ ଜିଲାକୁ ଦୁଇଦିନିଆ ଗସ୍ତରେ ଆସିଥିବା ରାଜ୍ୟ ସରକାରଙ୍କ ବ୍ୟକ୍ତିଗତ ସଚିବ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଆସିଥିବା ବେଳେ ଜିଲାର ସମସ୍ତ ଧାର୍ମିକ ଅନୁଷ୍ଠାନକୁ ଗୁରୁତ୍ୱ ଦେଇ ବହୁ ହିତକର କାର୍ଯ୍ୟକ୍ରମ ଅନୁଧ୍ୟାନ କରିବା ସହିତ ବିଭିନ୍ନ ଅନୁଷ୍ଠାନର ଉନ୍ନତୀ କରଣ ନିମନ୍ତେ ଅନୁଧ୍ୟାନ କରିଥିଲେ। ସେହିପରି ପେଖିରେ କୋରୁକୋଣ୍ଡା ବ୍ଲକ କୋଇଲି ପାରି ଗ୍ରାମର ଜନସାଧାରଣ ୫-ଟି ସଚିବଙ୍କୁ ମନ୍ଦିର ଉନ୍ନତି କରଣ ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରିଥଲେ। ରାଜ୍ୟ ସରକାର ୧୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି । ଏଣୁ ଉକ୍ତ ଅନୁଦାନ ଅର୍ଥକୁ କିପରି ମନ୍ଦିର ଉନ୍ନତି କରଣ କରିବା ସହିତ ମନ୍ଦିର ପରିସରକୁ ଉନ୍ନତିକରଣ ନିମନ୍ତେ କୋଇଲିପାରି ମନ୍ଦିର ପରିସରରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ମନ୍ଦିର କମିଟି ସମେତ ପୂଜାରୀ ସୁକ୍ରା ମାଡକାମି, ଗ୍ରାମ ମୁଖିଆ ଈର୍ମା ମାଡକାମୀ, ଇର୍ମା କବାସି, ସନୁ ଖେମୁଡୁ, ନର୍ଶୀଙ୍ଗ ମାଡକାମୀ, ଚଳନ୍ ବାଗା ମାଢୀଙ୍କ ସମେତ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କୋରୁକୋଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଜିତୁ ବୁରୁଡି, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ସତ୍ୟ ପାଣିଗ୍ରାହୀ, କୋରୁକୋଣ୍ଡା ସରପଞ୍ଚ ପଦ୍ମା ମାଡକାମି ଆଲୋଚନା କରିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିବା ନିମନ୍ତେ ଆଲୋଚନା ହୋଇଥିଲା।

# ରାସ୍ତା ନିର୍ମାଣ ନେଇ ନିର୍ବାହୀଯନ୍ତ୍ରୀଙ୍କୁ ଦାବି

ଜୟପୁର, ୩୦।୫(ନି.ପ୍ର.)

ଜୟପୁର ସ୍ଥିତ ଗ୍ରାମ୍ୟ ନିର୍ମାଣ ବିଭାଜନ ବିଭାଗର ନିବାହୀ ଯନ୍ତ୍ରୀ ଙ୍କ ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ। ରାସ୍ତା ଓ ଗୃହ ବିଭାଗର ଫାମ୍ପୁଣି ବ୍ରାହ୍ମଣଦେଇରୁ ଦାମାପୁଟର ଆରଡି ରାସ୍ତାର ମରାମତି ଦାବି କରିଛନ୍ତି। ୧୦ ବର୍ଷ ହେବ ପାମ୍ପୁଣି ଗ୍ରାମ ବ୍ରାହ୍ମଣ ଦେଇ ଆରଏଣ୍ଡବିର ଦାମାପୁଟ ରାସ୍ତା ତିଆରି କରିବା ନିମନ୍ତେ ଖୋଳିଦେଇଛନ୍ତି। ସେହି ଦିନରୁ ଉକ୍ତ ରାସ୍ତାରେ ଗୁରୁତର ରୋଗୀଙ୍କୁ ହସ୍ପିଟାଲ ନେବାକୁ ହେଲେ ଆମ୍ବୁଲାନ୍ସ ଯାଇ ପାରୁନାହିଁ । ଉକ୍ତ ରାସ୍ତା ଖାଲ ଖାମରା ହୋଇ ପଡି ରହିଥିବାରୁ ଦୈନିକ ଦୁର୍ଘଟଣା ଘଟୁଛି। ତେଣୁ ଉକ୍ତ ରାସ୍ତାକୁ ବିଭାଗ ଗୁରତର ସହ ନେଇ ନର୍ମାଣ କରିବାକୁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଗ୍ରାମ୍ୟ ନିର୍ମାଣ ବିଭାଜନ ବିଭାଗ ନିବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗାରେ ଧାରଣା ଦିଆଯିବ ବୋଲି ଶିବ ଭୁମିଆ, ବାବୁ ଗୌଡ, ଅଭି ଗାଦବା, ନିରଞ୍ଜନ ପାତ୍ର, ତାପସ କୁମାର ମଣ୍ଡଳ ପ୍ରମଖ ଚେତାବନୀ ଦେଇଛନ୍ତି।



ନିର୍ବାହୀଯନ୍ତ୍ରୀଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ ।

# ଖବର ପ୍ରକାଶ ପରେ ସ୍ୱାଭାବିକ ହେଲା ଜଳଯୋଗାଣ

ନନ୍ଦପୁର, ୩୦ ।୫ (ଡି.ଏନ୍.ଏ.)

‘ଦରମା ନାହିଁ ତ ପାଣି ନାହିଁ’ ଶୀର୍ଷକ କୁଲାବିର ପଞ୍ଚାୟତର ୫ ଗ୍ରାମବାସୀଙ୍କ ଜଳକଷ୍ଟ ସମ୍ପର୍କରେ ‘ଧରିତ୍ରୀ’ରେ ଖବର ପ୍ରକାଶ ପରେ ପ୍ରଶାସନର ନିଦ ଭାଙ୍ଗିଲା। ପମ୍ପ ଚାଳକ ମହେଶ୍ୱର ମାଝିଙ୍କ ଘରକୁ ଯାଇ କର୍ତ୍ତୃପକ୍ଷ ଆଲୋଚନା କରିବା ପରେ ପମ୍ପ ଚାଳକ ଜଳଯୋଗାଣ ସ୍ୱାଭାବିକ କରିଛନ୍ତି। ପାଣି ପାଇ କୁଲାବିର, ଆର୍ଲାବପୁଟ, ସେମିଳିପୁଟ, ଡିପି କ୍ୟାମ୍ପ ଓ ବାଞ୍ଜିଲାପୁଟ ଗ୍ରାମବାସୀ ଖୁସି ବ୍ୟକ୍ତ କରିଛନ୍ତି। ଏଥି ସହ ଧରିତ୍ରୀକୁ ପ୍ରଶଂସା କରିଛନ୍ତି। ଧରିତ୍ରୀରେ ପ୍ରକାଶିତ ଖବର ନେଇ ଜିଲା ଓ ବ୍ଲକସ୍ତରରୁ କୁଲାବିର ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଉପରେ ଚାପ ସୃଷ୍ଟି ହୋଇଥିଲା। ପିଇଓ ଭାସ୍କର ଗରଡ଼ା, ସରପଞ୍ଚ ସଇତା ସମେଲି, ଜଳଯୋଗାଣ ଯନ୍ତ୍ରୀ କାହ୍ନୁଚରଣ ସେଠୀ ପମ୍ପ ଚାଳକଙ୍କ ଘରକୁ ଯାଇ ବୁଝାଇଥିଲେ। ବୁଧବାର ସୁଦ୍ଧା ଦରମା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ପମ୍ପ ଚାଳକ ଜଳ ଯୋଗାଣ ସ୍ୱାଭାବିକ କରିଛନ୍ତି। ବ୍ୟାଙ୍କ କାଗଜପତ୍ର କାମ ସରିଛି। ବୁଧବାର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚଙ୍କ ଉପସ୍ଥିତିରେ ପମ୍ପ ଚାଳକଙ୍କୁ ଦରମା ଦିଆଯିବ ବୋଲି ପିଇଓ କହିଛନ୍ତି।

# ପ୍ରଦୀପଙ୍କ ବୟାନକୁ ବଳଭଦ୍ରଙ୍କ ଟାର୍ଗେଟ

ନବରଙ୍ଗପୁର,୩୦।୫(ବି.ପ୍ର.)

ନବରଙ୍ଗପୁରର ପୂର୍ବତନ ଏମପି ତଥା ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ପ୍ରଦୀପ ମାଝିଙ୍କ ଏକ ବୟାନକୁ ନେଇ ଭାଜପା ଦଳ ଶାସକ ଦଳକୁ ଟାର୍ଗେଟ କରିଛି। ଏହି ଉପଲକ୍ଷେ ଭାଜପା ରାଜ୍ୟ ଉପସଭାପତି ବଳଭଦ୍ର ମାଝି ଏକ ଖବରଦାତା ସମ୍ମିଳନୀରେ ପ୍ରଦୀପ ମାଝିଙ୍କ ବୟାନକୁ ସମାଲୋଚନା କରିବା ସହ ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କୁ ମଧ୍ୟ ଟାର୍ଗେଟ କରିଛନ୍ତି।

ରବିବାର ଝରିଗାଁରେ ଏକ ସଭାରେ ପ୍ରଦୀପ ମାଝି ଉଦ୍‌ବୋଧନ ଦେବା ଅବସରରେ ଝରିଗାଁ ବ୍ଲକ ଅଞ୍ଚଳରେ ଦୀର୍ଘ ୩୦ ବର୍ଷ ଧରି ପୂର୍ବ ଅବସ୍ଥାରେ ରହିଛି । ଏଯାଏଁ ଏହାର କୌଣସି ବିକାଶ ହୋଇ ନାହିଁ କହିଥିଲେ। ତାଙ୍କର ଏହି ବକ୍ତବ୍ୟରେ, ସେ କାହାକୁ ଆକ୍ଷେପ କରୁଥିଲେ ନା ନିଜର ଦୋଷ ଦୁର୍ବଳତାକୁ ସ୍ୱୀକାର କରୁଥିଲେ ବୋଲି ବଳଭଦ୍ର ପ୍ରଶ୍ନ କରିଛନ୍ତି। ଏହି ୩୦ ବର୍ଷ ସମୟ ଅବଧି ମଧ୍ୟରେ ଶାସନ କ୍ଷମତା ଝରିଗାଁର ଦୁଇ ରାଜନିତିକ ପରିବାର ହାତରେ ଥିଲା। ୧୯୯୧ ମସିହାରୁ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ସମୟରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଯାଦବ ମାଝି, ତାଙ୍କ ପୁଅ ଏମ୍‌ପି ରମେଶ ଚନ୍ଦ୍ର ମାଝି, ସାନ ପୁଅ ପ୍ରକାଶ ଚନ୍ଦ୍ର ମାଝି ବିଧାୟକ ରହି ଆସିଛନ୍ତି। ସେହିଭଳି ପୂର୍ବତନ ରାଜ୍ୟସଭା ଏମ୍‌ପି ଭଗବାନ ମାଝି ତାଙ୍କ ପୁଅ ପ୍ରଦୀପ ମାଝି, ସାନ ପୁଅ ବ୍ଲକ ଅଧ୍ୟକ୍ଷ ବିଭିନ୍ନ ପଦ ପଦବୀରେ ରହିଥିଲେ। ଏହି ଦୁଇ ପରିବାର ସଦସ୍ୟଙ୍କ ହାତରେ କ୍ଷମତା ରହିଥିବା ବେଳେ ବିକାଶ କେଉଁ କାରଣରୁ ହୋଇପାରି ନାହିଁ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏକ ଜନସଭାରେ ନିଜେ ପ୍ରଦୀପ ମାଝି ଏଭଳି ଅସହାୟତା ପ୍ରକାଶ କରିଥିବାରୁ ଆଗାମୀ ଦିନରେ ଝରିଗାଁ ନିର୍ବାଚନ ମଣ୍ଡଳୀ ସମେତ ସମଗ୍ର ଜିଲା ଓ ଲୋକସଭା ଅଞ୍ଚଳର ମତଦାତାମାନେ ଏହି ଦୁଇ ପରିବାରର ସଦସ୍ୟଙ୍କୁ ଭୋଟ ନ ଦେବାକୁ ବଳଭଦ୍ର ଅନୁରୋଧ କରିଛନ୍ତି। ଅପରପକ୍ଷେ ବଳଭଦ୍ର ମାଝି ତାଙ୍କ ଏମପିଙ୍କ କାର୍ଯ୍ୟକାଳ ସମୟରେ ପାଇଥିବା ଉପଲବ୍ଧି ସମ୍ପର୍କରେ କହିଥିଲେ। ଝରିଗା ବ୍ଲକରେ ପିଚୁ ରାସ୍ତା ନିର୍ମାଣରୁ ଆରମ୍ଭ କରିଲୋ ଭଲଟେଜ ସମସ୍ୟାର ସମାଧାନ, ପ୍ରତି ବ୍ଲକରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ, ପିଏଚ୍‌ସି ଓ ସିଏଚ୍‌ସି ସେଣ୍ଟରରେ ବିଜୁଳି ସଂଯୋଗ, ୧୨ଟି କୃଷି ସାଇଣ୍ଟିଫିକ ଇନଷ୍ଟିଚ୍ୟୁଶନ ସହାୟତାରେ ଚାଷୀଙ୍କ ଉନ୍ନତି, କ୍ଷୁଦ୍ରଶିଳ୍ପ ମାଧ୍ୟମରେ ଲୋକଙ୍କୁ ଆତ୍ମନିର୍ଭରଶୀଳ କରିବା ସମ୍ପର୍କରେ ସେ କହିଥିଲେ। ସେହିଭଳି ଜିଲାରେ ଗମନାଗମନ ସୁବିଧା ପାଇଁ ରେଳଲାଇନ ପ୍ରକଳ୍ପ ମଞ୍ଜୁର, ଭାରତମାଳା ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଇଛି ବୋଲି କହିଥିଲେ। ରେଳ ପ୍ରକଳ୍ପ ମଞ୍ଜୁର ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ମାଗଣାରେ ଜମି ଯୋଗେଇ ପାରୁ ନାହାନ୍ତି। ଏହି ବିଫଳତା ପାଇଁ ସେ ଦୁଇ ପରିବାରର ନେତୃମଣ୍ଡଳୀଙ୍କୁ ଦାୟୀ କରିଥିଲେ। ପ୍ରଦୀପ ମାଝିଙ୍କ ଏହି ବୟାନ ବିଜେଡି ଦଳରେ କନ୍ଦଳକୁ ସୂଚାଉଛି ବୋଲି ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଗୌରୀ ମାଝି କହିଥିଲେ। ପ୍ରଦୀପ ମାଝି କଂଗ୍ରେସ ଦଳ ଛାଡି ବିଜେଡିରେ ସାମିଲ ହେବା ପରେ ସେମାନଙ୍କ ମଧ୍ୟରେ ଗୋଷ୍ଠୀ କନ୍ଦଳ କୁହୁଳିଛି ବୋଲି ଯାହା ଶୁଣିବାକୁ ମିଳୁଛି ତାହା ଏହି ବୟାନରୁ ସ୍ପଷ୍ଟ ବୋଲି କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନଗର ଭାଜପା ସଭାପତି ଶ୍ରୀଧର ପାତ୍ର, ମିଡିଆ ସଂଯୋଜକ ଦେବଦାଶ ମହାକୁଡ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଭାଜପା ନେତାମାନେ।

# ପଞ୍ଚାୟତ ସମିତି ବୈଠକ

କୋରୁକୋଣ୍ଡା ୩୦।୫(ଡି.ଏନ୍.ଏ.)

ଆଜି ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ବୈଠକ ଗୃହରେ ମଙ୍ଗଳବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଡିଓ ବେଦବ୍ୟାସ ଭୋଇଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିବା ବେଳେ ମାଲକାନଗିରି ନିର୍ବାଚନ ମଣ୍ଡଳୀ ବିଧାୟକ ଆଦିତ୍ୟ ମାଢୀ କୋରୁକୋଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଜିତୁ ବୁରୁଡି,ଉପାଧ୍ୟକ୍ଷ ମାନସିକ ପଡିଆମୀ,କୋରୁକୋଣ୍ଡା ଜିଲା ପରିଷଦ ଜୋନ-୧ ସଭ୍ୟା ବିଜୟ ଲକ୍ଷ୍ମୀ ପଡିଆମୀ,କୋରୁକୋଣ୍ଡା ଜିଲା ପରିଷଦ ଜୋନ-୨ ସଭ୍ୟ ମଙ୍ଗୁ ଖିଲ, ଏମ୍‌ପି ପ୍ରତିନିଧି ମଦନ ଖୋସାଲା, ମାଲକାନଗିରି ବିଧାୟକ ପ୍ରତିନିଧି ଏସ୍.ମହେଶ୍ୱର ରାଓ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ସତ୍ୟ ପାଣିଗ୍ରାହୀ ଉପସ୍ଥିତ ରହିଥିଲେ। ବୈଠକରେ ପଞ୍ଚାୟତ ସମିତି ଅଧୀନରେ ଥିବା ସମସ୍ତ ୧୨ଟି ପଞ୍ଚାୟତରେ ଥିବା ବିଭିନ୍ନ ସମସ୍ୟା ଉପରେ ଉପସ୍ଥିତ ଅଧିକାରୀଙ୍କୁ ଅବଗତ ଆଯାଇଥିଲା। ଏହାର ସମାଧାନ ଦିଗରେ ଉପସ୍ଥିତ ଅଧିକାରୀମାନେ ଆଲୋଚନା କରିଥିଲେ। ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚମାନେ ଅଭିଯୋଗ କରିଥିଲେ, କେତେକ ପଞ୍ଚାୟତ ଅଧୀନରେ ଥିବା ସ୍ୱାସ୍ଥ୍ୟ କର୍ମୀମାନେ ନିଜ ନିଜ କାର୍ଯ୍ୟ ଠିକ ଭାବରେ ତୁଲାଉ ନାହାନ୍ତି। ଏଣୁ ଆଗାମୀ



କୋରୁକୋଣ୍ଡା ପଞ୍ଚାୟତ ସମିତି ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

ଦିନରେ ପଞ୍ଚାୟତରେ କିପରି ସ୍ୱାସ୍ଥ୍ୟ ସେବା ଠିକ୍ ଭାବେ ଚାଲିବ ସେନେଇ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଆଗକୁ ବର୍ଷା ଦିନ ଆସୁଥିବାରୁ ଗ୍ରାମାଞ୍ଚଳରେ କିପରି ଭାବେ ସ୍ୱାସ୍ଥ୍ୟ ସେବା ଠିକ ଭାବରେ ପହଞ୍ଚି ପାରିବ ସେନେଇ ଦୃଷ୍ଟି ଦେବାକୁ କହିଥିଲେ ।

ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳଗୁଡିକୁ ସହର ସହିତ ସଂଯୋଗ ନିମନ୍ତେ ରାସ୍ତାଗୁଡିକୁ ଉନ୍ନତ ମାନର କରିବା ନିମନ୍ତେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ବହୁ ଅର୍ଥ ଦେଉଥିଲେ ମଧ୍ୟ ସେସବୁ ଅଧିକାରୀ ଏବଂ ଠିକାଦାରଙ୍କ ମଧୁ ଚନ୍ଦ୍ରିକା ହେତୁ କୌଣସି ଗୋଟିଏ ମଧ୍ୟ ଠିକ ଭାବେ ହେଉନଥିବା ଜିଲା ପରିଷଦ ଜୋନ-୨ ସଭ୍ୟ ମଙ୍ଗୁ ଖିଲ କହିଛନ୍ତି।

ବୈଠକରେ ଯୋଗ ଦେଇଥିବା ମାଲକାନଗିରି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅଧିକାରୀଙ୍କୁ ନିମ୍ନମାନର ରାସ୍ତା କାମ ହେଉଥିବାର କହିବା ସହ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦ୍ୱାରା ହେଉଥିବା କେତେକ ରାସ୍ତାର ଫଟୋ ଦେଖାଇବା ସହ ପଞ୍ଚାୟତ ସମିତି ଅଧିନ ପୁରୁଣା ଟିମିଟାପଲ୍ଲି ପଞ୍ଚାୟତ ଅମବାଗୁଡାଠାରୁ ଚିତ୍ରକୋଣ୍ଡା ବ୍ଲକ ସିଂଗିପୋକାକୁ ସଂଯୋଗ କରୁଥିବା ନୂତନ ରାସ୍ତା କାମ, ସେହିପରି ପୋଟ୍ରେଲ ପଞ୍ଚାୟତ ସଦରଠାରୁ ଏମ୍‌ଭି-୧୦୯କୁ ସଂଯୋଗ କରୁଥିବା ରାସ୍ତାଟିକୁ ପ୍ରଧାନ ମନ୍ତ୍ରୀ ଗ୍ରାମ ସଡକ ଯୋଜନା ୨୦୧୮-୧୯ ଆର୍ଥିକ ବର୍ଷରେ ୧.୮୩ଲକ୍ଷ ବ୍ୟୟ ଅଟକଳରେ ଆରମ୍ଭ ହୋଇଥିବା ବେଳେ ସୂଚନା ଫଳକ ଅନୁଯାଇ କାର୍ଯ୍ୟ ଶେଷ ହୋଇଥିଲା ।

୨୦୨୦ରେ କିନ୍ତୁ ଉକ୍ତ ରାସ୍ତା କମ ଶେଷ ହେବାର ବର୍ଷକ ମଧ୍ୟରେ ଏପରି ଅବସ୍ଥା ହେଲା ଯାହାକି ସେହି ରାସ୍ତାରେ ଏବେ ଲୋକେ ଜିବା ଆସିବା କରିବାକୁ ଡରୁଛନ୍ତି। ସମାନ ଦଶା ଭୋଗୁଛନ୍ତି ବ୍ଲକର କାମୱାଡା ପଞ୍ଚାୟତ ସମେତ ତିନୋଟି ପଞ୍ଚାୟତ ବସିନ୍ଦା। କୋରୁକୋଣ୍ଡା ସଦରଠାରୁ କାମୱାଡା ସଦରକୁ ମାତ୍ରକ ୮ କି.ମି.ଥିବା ବେଳେ ବର୍ତ୍ତମାନ ରାସ୍ତା ଖରାପ ଥିବାରୁ ୮ କି.ମି.ରାସ୍ତାକୁ ୧୮ ର କି.ମି. ବୁଲି ଯିବା ଆସିବା କରୁଛନ୍ତି। ଏହିପରି ଭାବେ ବହୁ ରାସ୍ତାର ଉଦାହରଣ ଦେଇ ଖିଲଙ୍କ ସମେତ ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ସତ୍ୟ ପାଣିଗ୍ରାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହିତ ଅନ୍ୟ ସମସ୍ତ କାର୍ଯ୍ୟର ତଦାରଖ କରିବା ସହିତ ସମସ୍ୟା ଘେରରେ ଥିବା କାର୍ଯ୍ୟଗୁଡିକୁ କିପରି ତୁରନ୍ତ ସମାଧାନ କରାଯାଇ ପାରିବ ସେନେଇ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ବ୍ଲକର ସମସ୍ତ ବିଭାଗର ଅଧିକାରୀଙ୍କ ସମେତ ସମସ୍ତ ୧୨ ପଞ୍ଚାୟତ ସରପଞ୍ଚ ଏବଂ ସମସ୍ତ ସମିତି ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ।

# ଉଡ଼ିଲା ଛପର, ଭାଙ୍ଗିଲା ଘର

**କାଳବୈଶାଖୀ ପ୍ରଭାବ**

ଉମରକୋଟ/ନନ୍ଦାହାଣ୍ଡି/କୁନ୍ଦୁରା, ୩୦ା୫(ସ୍ୱ.ପ୍ର./ଡି.ଏନ୍.ଏ.)

ନବରଙ୍ଗପୁର ଓ କୋରାପୁଟ ଜିଲାରେ ମଙ୍ଗଳବାର ଅପରାହ୍ଣରେ କାଳବୈଶାଖୀ ପ୍ରଭାବରେ ଅତି ପ୍ରବଳ ବର୍ଷା ପବନ ହୋଇଛି। ପବନରେ ଘର ଛପର ଉଡ଼ି ଯାଇଥିବାବେଳେ କେତେକ ଅଞ୍ଚଳରେ ବର୍ଷା ପାଣି ଘରେ ପଶିଯାଇଛି। କେତେକ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଛି। ବଜ୍ରପାତ ଘଟି ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ତୋହରା ଗ୍ରାମରେ ବର୍ଷା ପବନରେ ୪ରୁ ଊର୍ଦ୍ଧ୍ୱ ଘରର ଟିଣ ଉଡିଯାଇଛି। କ୍ଷତିଗ୍ରସ୍ତ ପରିବାରର ଅନ୍ୟ ଘରର ବରଣ୍ଡାରେ ରାତି ବିତାଇଛନ୍ତି। ମଙ୍ଗଳବାର ଅପରାହ୍ଣରେ ପବନ ହେବାରୁ ଗାଁର ଭୁବନ ଗଣ୍ଡ, ସୁଦର ଲହର, ମନ୍ଦ ଗଣ୍ଡ ଓ ରାମ ଚିନ୍ତା ପାତ୍ରଙ୍କ ଘର ଟିଣ ଛପର ଉଡ଼ିଯାଇଥିଲା। ଖବର ଲେଖାଯିବା ସୁଦ୍ଧା ରାଜସ୍ୱ ବିଭାଗର କୌଣସି ଅଧିକାରୀ ସେଠାରେ ପହଞ୍ଚି ନ ଥିବା ବେଳେ କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ମିଳି ନ ଥିଲା। ଭାଙ୍ଗିଯାଇଥିବା ଘର ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ରାଜସ୍ୱ ନିରୀକ୍ଷକ ମଧୁସ୍ମିତା ନାୟକଙ୍କୁ ପଚାରିବାରୁ ବୁଧବାର କ୍ଷତିଗ୍ରସ୍ତଙ୍କୁ ସହାୟତା ଦିଆଯିବ ବୋଲି କହିଛନ୍ତି।

ନନ୍ଦାହାଣ୍ଡି ବ୍ଲକ ପଡାଲଗୁଡା ପଞ୍ଚାୟତ ଖ୍ରୀଷ୍ଟିଆନ ସାହିରେ କାଳବୈଶାଖୀ ଯୋଗୁ ଜଣେ ବୃଦ୍ଧା ଫଗନୁ ଭତ୍ରା(୫୦)ଙ୍କ ଚାଳଛପର ଘର ଭାଙ୍ଗିଯାଇଛି। କୁଲିମଜୁରି କରି ପରିବାର ପ୍ରତିପୋଷଣ କରୁଥିବା ଫଗନୁ ଘର ତିଆରି ଚିନ୍ତାରେ। ଏକ ଆବାସ ଘର ପାଇଁ ଆଗରୁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସୁଫଳ ମିଳିନାହିଁ। ଘରଟିଏ ଯୋଗାଇଦେବାକୁ ସେ ଦାବି କରିଛନ୍ତି। ସେହିଭଳି ଗାଁରେ ଡ୍ରେନ୍ ପୋତି ହୋଇଯାଇଥିବାରୁ କେତେଜଣଙ୍କ ଘରେ ପାଣିପଶିଯାଇଛି। କିଛିଦିନ ତଳେ ବର୍ଷା ଯୋଗୁ ଘର ଭିତରକୁ ପାଣି ପଶିଥିବା ଖବର ପ୍ରକାଶ ପାଇବା ପରେ ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ ସେଠାକୁ ଯାଇ ଡ୍ରେନ ମରାମତି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ବର୍ଷାଦିନ ପାଖେଇ ଆସୁଥିବା ବେଳେ ଏଯାବତ୍ ଡ୍ରେନ୍ ସଫା ହୋଇପାରି ନାହିଁ । ଅତିଶୀଘ୍ର ଡ୍ରେନ ମରାମତି କରି ବର୍ଷା ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଏ ନେଇ ବିଡିଓଙ୍କୁ ପଚାରିବାରୁ ରାସ୍ତାଟି ଆର୍‌ଡି ବିଭାଗର ହୋଇଥିବା ହେତୁ ବ୍ଲକ ସ୍ତରରେ ଡ୍ରେନ୍ ବ୍ୟବସ୍ଥା କରିବାରେ ଅସୁବିଧା ହେଉଛି। ତଥାପି ଡ୍ରେନ୍ ସୁବିଧା ପାଇଁ ଜିପିଡିପି ଆକ୍ସନ ପ୍ଲାନ୍‌ରେ ପ୍ରସ୍ତାବ ଦିଆଯାଇଛି । ତାହା ମଞ୍ଜୁର ହେବା ପରେ କାମ ହେବ ବୋଲି କହିଛନ୍ତି।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତ ଭାଲୁଗୁଡା ଗାଁରେ କାଳବୈଶାଖୀରେ ୨ ଘଣ୍ଟା ଧରି ଲଗାଣ ବର୍ଷା ସହ ଘଡ଼ଘଡ଼ି ପବନ ଓ କୁଆ ପଥର ବର୍ଷା ହୋଇଛି।ଏଥିରେ ଦାସ ଦୁରୁଆ, ରାମସାଇ ଦୁରୁଆ ଓ ରାଧାକାନ୍ତ ବିଷୋୟୀଙ୍କ ଘର ଆଜବେଷ୍ଟସ୍ ଉଡ଼ିଯାଇଛି। ସେହି ଗାଁରେ ଗୋରା ଦୁରୁଆଙ୍କ ଘର ସାମ୍ନାରେ ଏବଂ ଗାଁ ରାସ୍ତା ମଝିରେ ଥିବା ତେନ୍ତୁଳି ଗଛ ପଡ଼ି ରାସ୍ତା ଅବରୋଧ ହୋଇଛି। ବର୍ଷା କମିଲା ବେଳକୁ ସନ୍ଧ୍ୟା ହୋଇଥିବାରୁ ରାଜସ୍ୱ ନିରୀକ୍ଷକ କିମ୍ବା ତହସିଲଦାରଙ୍କୁ କ୍ଷୟକ୍ଷତି ବିଷୟରେ ଗାଁ ଲୋକ କିମ୍ବା କ୍ଷତିଗ୍ରସ୍ତ ପରିବାର ଜଣାଇନାହାନ୍ତି। ଦାସ ଦୁରୁଆଙ୍କ ଗୋଟିଏ ବଖରା ଘରର ଆଜବେଷ୍ଟସ୍ ସମ୍ପୂର୍ଣ୍ଣ ଉଡ଼ିଯାଇଥିବାରୁ ପରିବାର ଲୋକେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଛନ୍ତି। ସେହିଭଳି ଗନ୍ଧିଗୁଡା ଗାଁରେ ଗୋବିନ୍ଦ ସାନ୍ତାଙ୍କ ଆଜବେଷ୍ଟସ ଘର ସମ୍ପୂର୍ଣ୍ଣ ଉଡ଼ିଯାଇଛି।


ଉମରକୋଟରେ କାଳବୈଶାଖୀରେ ଭାଙ୍ଗି ଯାଇଥିବା ଘର ।

## ବଜ୍ରପାତରେ ଶ୍ରମିକଙ୍କ ମୃତ୍ୟୁ

ପାପଡାହାଣ୍ଡି,୩୦ା୫(ଡି.ଏନ୍.ଏ.)

ପାପଡ଼ାହାଣ୍ଡି ବ୍ଲକ ପାଳପୁର ବାଲିଘାଟ ନିକଟରେ ମଙ୍ଗଳବାର ବଜ୍ରପାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଯାନିଗୁଡା ଗ୍ରାମର ଶୁକ୍ରୁ ଯାନୀ। କେତେଜଣ ସାଙ୍ଗଙ୍କ ସହ ସେ ବାଲିଘାଟରେ କାମ କରିବାକୁ ଆସିଥିଲେ। କାଳ ବୈଶାଖୀ ଦେଖି ନିଜ ଘରକୁ ଫେରିବା ସମୟରେ ବଜ୍ରପାତ ହୋଇଥିଲା। ଏଥିରେ ଶୁକ୍ରୁଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟମାନେ ସାମାନ୍ୟ ଆହତ ହୋଇଛନ୍ତି। ଶୁକ୍ରୁଙ୍କ ମୃତଦେହ ପାପଡାହାଣ୍ଡି ଡାକ୍ତରଖାନାରେ ବ୍ୟବଚ୍ଛେଦ ପାଇଁ ରଖାଯାଇଛି।

## ଗଛପଡି ଜାତୀୟ ରାସ୍ତା ଅବରୋଧ



ପାପଡାହାଣ୍ଡି,୩୦ା୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକରେ ମଙ୍ଗଳବାର କାଳବୈଶାଖୀ ପ୍ରଭାବରେ ଅପରାହ୍ଣରେ ପ୍ରବଳବେଗରେ ପବନ ବୋହିଥିଲା। ଯଦ୍ୱାରା ସ୍ଥାନୀୟ ପୁରୁଣା ମେଡିକାଲ ସାମ୍ନାରେ ଥିବା ଏକ ଗଛ ଉପୁଡି ଜାତୀୟ ରାଜପଥ ୨୬ ଉପରେ ପଡିଥିଲା। ତେବେ ଠାକୁରାଣୀ ଯାତ୍ରା ଯୋଗୁଁ ପ୍ରବଳ ଭିଡ଼ ଥିବା ବେଳେ ଗଛ ପଡିବା ସମୟରେ କେହି ନ ଥିଲେ | ଖବରପାଇ ପାପଡାହାଣ୍ଡି ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଗଛଟିକୁ କାଟିଥିଲେ। ଗଛ ପଡିବା ଯୋଗୁ ଉଭୟ ପଟରେ ଯାନ ବାହାନ ଚଳାଚଳ ବନ୍ଦ ରହିଥିଲା। ଅପରାହ୍ଣ ୪ଟା ରୁ ୬ ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଥିଲା। ପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ସହରର ବହୁ ସ୍ଥାନରେ ଏପରି ପୁରୁଣା ବିପଦସଙ୍କୁଳ ଗଛ ରହିଛି। ସେଗୁଡ଼ିକୁ ହଟାଇବା ଲାଗି ସାଧାରଣରେ ଦାବି ହୋଇଛି। ସେହିପରି ବିରିସଲା ନିକଟରେ ଗଛ ପଡି ଡାବୁଗାଁରୁ ପାପଡାହାଣ୍ଡିକୁ ଯାତାୟତ ବାଧାପ୍ରାପ୍ତ ହୋଇଛି।

## ସଂକ୍ଷେପରେ

### ଭାରସାମ୍ୟ ହରାଇ ନାଳକୁ ଓଲଟିଲା କାର



ଜୟପୁର, ୩୦ା୫(ନି.ପ୍ର.)- ଜୟପୁର ବିକ୍ରମ ନଗର ଦେଇ ଯାଇଥିବା ଚିକିଟିନାଳରେ ଓଲଟିଲା କାର। ଭାରସ୍ୟାମ ହରାଇ ଗାଡ଼ି ଓଲଟି ପଡ଼ିଥିବା ଜଣାପଡ଼ିଛି। ଏଥିରେ ଗାଡ଼ି ଚାଳକ ଆହତ ହୋଇଛନ୍ତି। ଅଣଓସାରିଆ ରାସ୍ତା ହୋଇଥିବାରୁ ଏପରି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି।

### ୬୬ କେଜି ଗଞ୍ଜେଇ ଜବତ, ଜଣେ ଗିରଫ



କୋରାପୁଟ,୩୦ା୫(ସ୍ୱ.ପ୍ର.)- କୋରାପୁଟ ଜିଲା ସେମିଳିଗୁଡା ନନ୍ଦପୁର ରୋଡ୍‌ରେ କୋରାପୁଟ ଅବକାରୀ ବିଭାଗ ପାଟ୍ରୋଲିଂ କରୁଥିବା ସମୟରେ ଗୋଟେ ଅଟୋ ଉପରେ ସନ୍ଦେହ ହେବାରୁ ତାହାକୁ ଯାଞ୍ଚ କରାଯାଇଥିଲା। ଅଟୋରୁ ୬୬ କେଜି ଗଞ୍ଜେଇ ମିଳିଥିଲା। ଅବକାରୀ ଅଧିକାରୀ ଗଞ୍ଜେଇ ଭର୍ତ୍ତି ଅଟୋ ଜବତ କରିବା ସହିତ ଜଣଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତ ହେଲେ ରବୀନ୍ଦ୍ର ଖରା।

### ପୋଲରୁ ଖସି ବୃଦ୍ଧ ମୃତ

ଚନ୍ଦାହାଣ୍ଡି, ୩୦ା୫(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନା ଅଧୀନ ଜୁନାପାଣି ଗ୍ରାମ ନିକଟସ୍ଥ ନଦୀ ପୋଲ ଉପରୁ ତଳକୁ ଖସି ଜୈନିକ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସାନଧୁରୁଆପଡ଼ା ଗ୍ରାମର ଦେବହରି ମାଝି(୬୦)। ସେ କୌଣସି କାମରେ ଜୁନାପାଣି ଗ୍ରାମକୁ ଯାଇ ଚାଲି ଚାଲି ଫେରୁଥିଲେ। ପୋଲ କଡରେ ଥିବା ସାଇଫୋନ(ବାଡ଼)ରେ ବସିବାକୁ ଚେଷ୍ଟା କରୁଥିବା ବେଳେ ଅସାବଧାନତା ଯୋଗୁ ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ତେବେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁ ପରେ ସ୍ଥାନୀୟ ଲୋକେ ତାଙ୍କ ପରିବାରକୁ ଜଣାଇଥିଲେ। ଖବର ଲେଖାହେବା ଯାଏଁ ଚନ୍ଦାହାଣ୍ଡି ଥାନାରେ କୌଣସି ଲିଖିତ ଏତଲା ପରିବାର ପକ୍ଷରୁ ଦିଆଯାଇନଥିବା ସୂଚନା ମିଳିଛି।

### ଟ୍ରକ ଧକ୍କାରେ ଗୋଟେ ମଇଁଷି, ୩ ଗାଈ ମୃତ

କୋରାପୁଟ,୩୦ା୫(ସ୍ୱ.ପ୍ର.)- କୋରାପୁଟ ଜିଲା ମସ୍ତିପୁଟ ପଞ୍ଚାୟତ ବାଗ୍ରା ଛକ ନିକଟରେ ଆନ୍ଧ୍ର ନମ୍ବର ଥିବା ଗୋଟେ ଟ୍ରକ ଧକ୍କାରେ ଏକ ମଇଁଷି ସମେତ ୩ ଗାଈଙ୍କ ମୃତ୍ୟୁ ଘଟିଛି। ଉତ୍ୟକ୍ତ ଲୋକେ ଟ୍ରକଟିକୁ ଅଟକାଇ ରଖିଛନ୍ତି। ମଙ୍ଗଳବାର ଅପରାହ୍ଣରେ (ଏପି-୧୬ଟିୱାଇ-୦୧୨୩) ଟ୍ରକ କୋରାପୁଟରୁ ରାୟଗଡା ଆଡକୁ ଦ୍ରୁତଗତି ଯାଉଥିବା ସମୟରେ ସ୍ଥାନୀୟ ବାଗ୍ରା ଛକରେ ଗୋରୁଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଛି। କ୍ଷତି ପୂରଣ ନ ଦେଲେ ଟ୍ରକ ଛଡାଯିବ ନାହିଁ ବୋଲି ଅଞ୍ଚଳବାସୀ କହିଛନ୍ତି।

## ମା’ ହତ୍ୟା ଅଭିଯୋଗରେ ପୁଅଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ନବରଙ୍ଗପୁର,୩୦ା୫(ବି.ପ୍ର.)

ମା’ଙ୍କୁ ହତ୍ୟା ଅଭିଯୋଗରେ ପୁଅଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି ନବରଙ୍ଗପୁର ଅତିରିକ୍ତ ଜିଲା ଦୌରାଜଜ୍। ଜରିମାନା ଅନାଦେୟ ଅତିରିକ୍ତ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ହେବ। ଅଭିଯୁକ୍ତ ହେଲେ ନବରଙ୍ଗପୁର ସହର ଦାରୁବନ୍ଧ ସାହିର ନବୀନ ଅମାନତ୍ୟ(୩୭)। ନବୀନ ମା’ ଜେମା ଅମାନତ୍ୟ (୬୪)ଙ୍କୁ ହତ୍ୟା କରିଥିବା ନେଇ ମୃତକଙ୍କ ଝିଅ ହେମଲତା ଗାଦବା ଗତ ୧୯ ମାର୍ଚ୍ଚ ୨୦୨୨ରେ ନବରଙ୍ଗପୁର ଥାନାରେ ଏତଲା ଦେଇଥିଲେ। ହେମଲତାଙ୍କ ଏତଲାକୁ ଆଧାରରେ ନବରଙ୍ଗପୁର ଥାନା ପୋଲିସ କେସ ନଂ ୧୩୩/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ମାମଲା ନବରଙ୍ଗପୁର କୋର୍ଟରେ କେସ ନଂ ସିଟି ୩୭/୨୨ରେ ବିଚାରଧୀନ ଥିଲା। ନବରଙ୍ଗପୁର କୋର୍ଟରେ ଅତିରିକ୍ତ ଜିଲା ଦୌରାଜଜ୍ ଶିବ ପ୍ରସାଦ ମିଶ୍ର ଅଭିଯୁକ୍ତଙ୍କ ପୁଅଙ୍କ ସମେତ ୨୦ ଜଣ ସାକ୍ଷ୍ୟ ପ୍ରମାଣ ଆଧାରରେ ଏହି ରାୟ ଶୁଣାଇଛନ୍ତି। ଏହି ମାମଲାକୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସନ୍ତୋଷ କୁମାର ମିଶ୍ର ପରିଚାଳନା କରୁଥିଲେ।

## ଫେରାର ଅଭିଯୁକ୍ତ ୭ ବର୍ଷ ପରେ ଗିରଫ

ଜୟପୁର, ୩୦ା୫ (ନି.ପ୍ର.)

ଫେରାର ଅଭିଯୁକ୍ତଙ୍କୁ ୭ ବର୍ଷ ପରେ ଗିରଫ କରିଛି ଜୟପୁର ସଦର ପୋଲିସ। ସେ ହେଲେ ଫାମ୍ପୁଣି ଘାସି ପୁଜାରି (୫୯)। ପୋଲିସ ସୂଚନାନୁଯାୟୀ ଜୟପୁର ସଦର ଥାନା ଅଧୀନ ଫାମ୍ପୁଣି ଘାସି ପୁଜାରୀଙ୍କ ନାମରେ ଥାନାରେ ଅପରାଧିକ ମାମଲା ରହିଥିଲା। ସେହି ଦିନଠାରୁ ସେ ଫେରାର ଥିବାବେଳେ ମଙ୍ଗଳବାର ଫାମ୍ପୁଣିରୁ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସଦର ଥାନାଧିକାରୀ ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# ଆସାମ ଗଲା କୋରାପୁଟର କଳାବତୀ ଧାନ

କୋରାପୁଟ,୩୦ା୫(ସ୍ୱ.ପ୍ର.)

ଗବେଷଣା ନିମନ୍ତେ ଆସାମ ଗଲା କୋରାପୁଟର କଳାବତୀ ଧାନ। ମଙ୍ଗଳବାର ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲାପାଳ ଅବ୍‌ଦାଲ ଏମ ଅକ୍ତର ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରୁଛନ୍ତି। କୋରାପୁଟ ଜିଲାର କୋଟପାଡ଼ ଓ ବୋରିଗୁମ୍ମା ବ୍ଲକ ଅଞ୍ଚଳରୁ ଉତ୍ପାଦିତ ୫୨ କୁଇଣ୍ଟାଲ କଳାବତୀ ଧାନ ଆସାମର କୃଷି ବିଶ୍ୱବିଦ୍ୟାଳୟକୁ ପଠାଯାଇଥିବା କୋରାପୁଟର ଜୈବିକ ଶ୍ରୀ ଫାର୍ମସ ଉତ୍ପାଦକ କମ୍ପାନୀ ସିଇଓ ମୁରଲୀ ଅଧିକାରୀ ସୂଚନା ଦେଇଛନ୍ତି। କୋରାପୁଟର କଫି, କଳାଜିରା ଧାନ, ଝାଡୁ, ସାବୁନ ଓ ହଳଦୀ ପରେ ବିରଳ ଧାନ ପରିବାରର ଏକ ସଦସ୍ୟ ଭାବେ କୋରାପୁଟିଆ କଳାବତୀ ଧାନ ଏବେ ଆଣିଦେବ ନୂତନ ପରିଚୟ। ବିଶେଷ କରି ଏହି ଧାନରେ ପ୍ରାକୃତିକ ଦୁର୍ବିପାକ ସହ୍ୟ କରିବାର ଦକ୍ଷତା ଅନ୍ୟ ଧାନ ଅପେକ୍ଷା ଢେର୍ ଅଧିକ। ଏଥିସହିତ ଏହି ଧାନର ବିଭିନ୍ନ ଔଷଧୀୟ ଗୁଣ ଖାଉଟିଙ୍କ ମଧ୍ୟରେ ଏହି ଧାନ ପ୍ରତି ନୂତନ ଆକର୍ଷଣ ସୃଷ୍ଟି କରିଛି ବୋଲି ଜୈବିକ ଶ୍ରୀ କୃଷକ ଉତ୍ପାଦନ କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର ମସ୍ତି ଜଣାଇଛନ୍ତି। ନାବାର୍ଡ ସହଯୋଗରେ କମ୍ପାନୀ ଜିଲାର ବିଭିନ୍ନ ଅଞ୍ଚଳରେ କଳାଜିରା, କଳା ଭାତ, କଳା ମଲ୍ଲୀ ଓ କଳାବତୀ ଭଳି ପାରମ୍ପରିକ ଧାନ ପ୍ରଚାର, ପ୍ରସାର ଓ ତୃଣମୂଳ ସ୍ତରରେ ଉତ୍ପତ୍ତି ବୃଦ୍ଧି କରିବା ପାଇଁ କାର୍ଯ୍ୟ କରୁଛି। କଳାବତୀ ଧାନର ଉତ୍ପତ୍ତିର ଇତିହାସ ଜାଣିବା ପାଇଁ ଆସାମକୁ ପଠାଯାଇଥିବା ସେ ଜଣାଇଛନ୍ତି। କୋରାପୁଟରେ ସ୍ଥାନୀୟ ଧାନର ସଂରକ୍ଷଣ, ପୁନଃ ପ୍ରଚଳନ ଦିଗରେ ଚାଷୀଙ୍କ ମଧ୍ୟରେ ଦେଖାଦେଇଥିବା ଆଗ୍ରହ ଜିଲାକୁ ଜାତୀୟ ବଜାରରେ ଏକ ନୂତନ ସ୍ଥାନ ଦେବ ବୋଲି ଜିଲାପାଳ କହିଛନ୍ତି। କୋରାପୁଟ ଜିଲାର ୧୬୦ ପ୍ରକାରର ଧାନର ଗୁଣବତ୍ତାକୁ ନେଇ କୋରାପୁଟସ୍ଥିତ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଗବେଷଣା ଚାଲିଛି। କିଛି ମାସ ପୂର୍ବେ କଳା ଜିରା ଧାନରେ ବିଭିନ୍ନ ଔଷଧୀୟ ଗୁଣ ରହିଥିବା ଯୋଗୁଁ ଏହାର ଆଦର ବଢ଼ି ଚାଲିଥିବା ଗବେଷକମାନେ ଜଣାଇଛନ୍ତି ।



ଜିଲାପାଳ ସବୁଜ ପତାକା ଦେଖାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

## ୧୩୫ କିଲୋ ଗଞ୍ଜେଇ ସହ କାର୍ ଜବତ

ନନ୍ଦପୁର, ୩୦ା୫ (ଡି.ଏନ୍.ଏ.)

ପାଡୁଆ ପୋଲିସ ଗେମେଲପୁଟ ଗ୍ରାମ ନିକଟରେ ଚଢାଉ କରି ୧୩୫ କିଲୋ ଗଞ୍ଜେଇ ସହ ଏକ କାର ଜବତ କରିଥିବା ନନ୍ଦପୁର ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ ଚାଲାଣକାରୀ ଫେରାର ହୋଇଯାଇଛନ୍ତି। ଗଞ୍ଜେଇ ଚୋରା ଚାଲାଣ ସମ୍ପର୍କରେ ଗୁଇନ୍ଦା ସୂଚନା ପାଇ ପାଡୁଆ ଥାନାଧିକାରୀ ସବ୍ୟସାଚୀ ଶତପଥୀ, ଏସ୍‌ଆଇ ହୃଷିକେଶ ବେନିଆ, ଏଏସ୍‌ଆଇ ମାଡକାମୀଙ୍କୁ ନେଇ ଗଠିତ ପୋଲିସ ଦଳ ଗେମେଲପୁଟ ଗ୍ରାମରେ ଚଢ଼ାଉ କରିଥିଲା। ଗାଁର ଶେଷମୁଣ୍ଡରେ (ଏପି-୨୮ସିଏଫ୍-୩୪୭୧) କାର ସନ୍ଦେହଜନକ ଅବସ୍ଥାରେ ଛିଡ଼ା ହୋଇଥିବା ଦେଖି ଯାଞ୍ଚ କରାଯାଇଥିଲା। କାର ଭିତରେ ୫ଟି ଜରି ବସ୍ତାରେ ଗଞ୍ଜେଇ ଥିବା ଜାଣିବା ପରେ ପୋଲିସ ଗାଡ଼ିକୁ ଥାନାକୁ ଆଣିଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା। ୫ ବସ୍ତାରେ ୧୩୫ କିଲୋ ଗଞ୍ଜେଇ ଥିବା ଜଣାପଡିଛି। ପାଡୁଆ ପୋଲିସ ୭୪/୨୩ରେ ମାମଲା ରୁଜୁ କରି ତଦନ୍ତ ଦାୟିତ୍ୱ ଏସ୍‌ଆଇ ଡି.କେ. ବାରିକଙ୍କୁ ଦିଆଯାଇଛି।

## ମା’ ବୁଢ଼ୀ ଠାକୁରାଣୀଙ୍କ ଘଟଯାତ୍ରା ଉଦ୍‌ଯାପିତ


ମା’ଙ୍କ ଘଟ ପୂଜାର୍ଚ୍ଚନା କରାଯାଉଛି।

ପାପଡାହାଣ୍ଡି,୩୦ା୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡିର ପ୍ରସିଦ୍ଧ ବୁଢ଼ୀ ଠାକୁରାଣୀଙ୍କ ଘଟଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଅପରାହ୍ଣରେ ବାଦ୍ୟ ନୃତ୍ୟର ତାଳେତାଳେ, ଆତସ ବାଜିର ଶବ୍ଦରେ ମାଙ୍କ ତିନୋଟି ଘଟ ମାଝିଗୁଡ଼ା ଗ୍ରାମକୁ ବାହାରିଥିଲା । ମାଙ୍କ ଯାତ୍ରା ଦେଖିବା ଲାଗି ଶୋଭାଯାତ୍ରାରେ ପ୍ରବଳ ଜନସମାଗମ ହୋଇଥିଲା । ଏହି ଅବସରରେ ଘରେ ଘରେ ମା’ଙ୍କ ଘଟକୁ ଦୀପ ଧୂପ ଦେଇ ପୂଜାର୍ଚ୍ଚନା କରାଯାଇଥିଲା। ଶୋଭାଯାତ୍ରାରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରାଙ୍କ ସହ ବହୁ ଜନ ପ୍ରତିନିଧି ଯୋଗଦେଇଥିଲେ। ନଅ ଦିନ ଧରି ମାଙ୍କ ଘଟ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ମାଝିଗୁଡ଼ାରେ ଘଟ ଓହ୍ଲାଇବା ପରେ ମାଙ୍କ ଘଟ ଯାତ୍ରା ଶେଷ ହୋଇଥିଲା। ଏହି ଅବସରରେ ମାଝିଗୁଡାରେ ମଙ୍ଗଳବାର ବଜାର ବସିଥିଲା। ରାତିରେ ଲୋକଙ୍କ ମନୋରଞ୍ଜନ ଲାଗି ଦେଶିଆ ନାଚର ଆୟୋଜନ ହୋଇଥିଲା। ସବୁଆଡେ ଚୈତ୍ରରେ ଠାକୁରାଣୀ ଯାତ୍ରା ହେଉଥିବାବେଳେ ପାପଡାହାଣ୍ଡିରେ ଜ୍ୟେଷ୍ଠ ମାସରେ ଠାକୁରାଣୀ ଯାତ୍ରା କରାଯାଏ। ମା’ଙ୍କ ଘଟ ବାହାରିଲେ ଫସଲ ଠିକ ହେବା ସହ ଲୋକେ ନିରୋଗ ରହିବେ ବୋଲି ବିଶ୍ୱାସ ରହିଛି।

# ନିର୍ଯାତିତ ୧୬ ଦାଦନ ଶ୍ରମିକ ଆନ୍ଧ୍ରରୁ ଉଦ୍ଧାର

ନବରଙ୍ଗପୁର, ୩୦ା୫(ବି.ପ୍ର.)

ବାହାର ରାଜ୍ୟକୁ ଦାଦନ ଖଟିବା ପାଇଁ ଯାଇ ଚିଙ୍ଗୁଡି ଫାର୍ମ ମାଲିକର ନିର୍ଯାତନାର ଶିକାର ହେଉଥିବା ୩ ନାବାଳକ ସମେତ ୧୬ ଜଣ ଶ୍ରମିକଙ୍କୁ ଉଦ୍ଧାର କରିଛି ନବରଙ୍ଗପୁର ପୋଲିସ। ଏନେଇ ନବରଙ୍ଗପୁର ଏସ୍‌ପି ଏସ୍.ସୁଶ୍ରୀ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଉଦ୍ଧାର ଶ୍ରମିକମାନେ ହେଲେ ଖାତିଗୁଡା ଥାନା ଦେଓପାଲ୍ଲୀ ଗ୍ରାମର କୃତିବାସ ମୁଦୁଲି, ପିଣ୍ଟୁ ମୁଦୁଲି, ସନୁ ଗେଡ, ପ୍ରଭାକର ମୁଦୁଲି, ଯଦୁମଣୀ କୁଳଦିପ, କଳାହାଣ୍ଡି ମୁରକା ଗ୍ରାମର ଫକିର ଝଡିଆ, ପ୍ରଭାବ ଝଡିଆ, କେତନ ଝଡିଆ, ରାମ ଜାନୀ, ପବିତ୍ର ଝଡିଆ, ଅନଙ୍ଗ ଝଡିଆ, ଜୟପାଟନା ଅଞ୍ଚଳର ଗୁନେଶ୍ୱର ନାୟକ, କୋକଶରା ଅଞ୍ଚଳର ଅରୁଣ ବାନୁଆ।

ଦେଓପାଲି ଗ୍ରାମର କୁନୁ କୁଳଦୀପ ନାମକ ଜଣେ ବ୍ୟକ୍ତି ନିର୍ଯାତିତ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ନବରଙ୍ଗପୁର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ନବରଙ୍ଗପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଖାତିଗୁଡା ଥାନାରେ ଗତ ୨୮ ତାରିଖରେ କେସ ନଂ ୪୬/୨୩ରେ ଏକ ମାମଲା ରୁଜୁକରି ଫଶିଥିବା ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ୍ ଅଭିଯୋଗକାରୀଙ୍କ ସହିତ ଆନ୍ଧ୍ରର କ୍ରୀଷ୍ଣା ଜିଲା ବଣ୍ଟୁମିଲ୍ଲୀ ଥାନାକୁ ଯାଇ ସେଠାକାର ପୋଲିସ ସହାୟତାରେ ଶ୍ରମିକଙ୍କୁ ଉଦ୍ଧାର କରିଥିଲେ। ଏଥିରେ ପ୍ରେମାନନ୍ଦ ମୁଦୁଲି ନାମକ ଜଣେ ଠିକାଦାର ଫେରାର ଅଛନ୍ତି। ତାଙ୍କୁ ଶୀଘ୍ର ଗିରଫ କରାଯିବ ସୂଚନା ଦିଆଯାଇଛି। ଶ୍ରମିକଙ୍କୁ ଗତ ୨ ମାସ ପୂର୍ବେ ଜଣେ ଦଲାଲ ଖାଇବା ଓ ରହିବା ପାଇଁ ସୁବିଧା ସହ ମାସିକ ୧୦ ହଜାର ଟଙ୍କା ପାରିଶ୍ରମିକ ମିଳିବ କହି ଆନ୍ଧ୍ର ମାଛଲିପାଟନା ନିକଟସ୍ଥ ଏକ ଗ୍ରାମକୁ ନେଇଥିଲେ। ସେଠାରେ ଥିବା ଏକ ଚିଙ୍ଗୁଡି ଫାର୍ମରେ କାମ କରାଇଲ। ଶ୍ରମିକମାନେ ଖର୍ଚ୍ଚ ମାଗିଲେ ମାନସିକ ଓ ଶାରିରୀକ ନିର୍ଯାତନା ଦେବା ସହ ରାତିରେ ଘର ବାହାରେ ତାଲା ପକାଇ ଚିଙ୍ଗୁଡି ଫାର୍ମରେ ନଜର ବନ୍ଦି କରି ରଖଯାଉଥିଲା। ଜଣେ ଶ୍ରମିକ ନିଜ ଘରକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏହାପରେ ପୋଲିସ ସେମାନଙ୍କୁ ଉଦ୍ଧାର କରିଛି। ଖବରଦାତା ସମ୍ମିଳନୀରେ ଡିଏସ୍‌ପି ଡ.ଚନ୍ଦ୍ର ଶେଖର ହୋତା, ଖାତିଗୁଡା ଥାନାଧିକାରୀ ଦୀପକ କୁମାର ଲେଙ୍କା ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଏସ୍‌ପି ଏସ୍.ସୁଶ୍ରୀଙ୍କ ସହ ଉଦ୍ଧାର ହୋଇଥିବା ଶ୍ରମିକମାନେ।

# ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ସୁନାବେଢ଼ା/ସେମିଳିଗୁଡ଼ା, ୩୦ା୫ (ସ୍ୱ.ପ୍ର.)

କ୍ଲବ ଘର ପାଇଁ ଚିହ୍ନଟ ସ୍ଥାନରୁ ଜବରଦଖଲ ହଟାଇବାକୁ ଦାବି ହୋଇଛି। ସୁନାବେଢ଼ା ପୌର ପରିଷଦ ଅଧୀନ ୩ ନଂ ୱାର୍ଡ, ଚର୍ଚ୍ଚ କଲୋନିର ବହୁ ମହିଳା ଓ ପୁରୁଷ ସେମିଳିଗୁଡା ଅତିରିକ୍ତ ତହସିଲଦାର ସଞ୍ଜୀବ କୁମାର ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନାନୁଯାୟୀ, କଲୋନି ନିକଟରେ ଅଳିଆ ଆବର୍ଜନା ପଡୁଥିବା ଜାଗାରେ ସ୍ଥାନୀୟ ବାସିନ୍ଦା ଏକ କ୍ଲବ ଘର ତିଆରି କରିବା ପାଇଁ ବହୁବାର ପୌର ପ୍ରଶାସନରୁ ଆରମ୍ଭକରି ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ଅନୁରୋଧ କରି ଆସୁଥିଲେ। ପରବର୍ତ୍ତୀ ସମୟରେ ପୌର ପ୍ରଶାସନ ପକ୍ଷରୁ ସେହି ଜମିକୁ ଚିହ୍ନଟ କରିବା ସହ କ୍ଲବ ଘର ନିର୍ମାଣ କରାଯିବା ନେଇ ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ଏହା ହୋଇପାରି ନ ଥିଲା। ଫଳରେ ଏହାର ସୁଯୋଗ ନେଇ ସେହି ଜାଗାରେ କେତେଜଣ ଜବରଦଖଲ କରି ଘର ତିଆରି କରୁଛନ୍ତି। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ବେଆଇନ ଘର ନିର୍ମାଣକୁ ବନ୍ଦ କରିବା ପାଇଁ ସୁନାବେଢ଼ା ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କ ସମେତ ପୌରାଧ୍ୟକ୍ଷ ଓ ଉପାଧ୍ୟକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପରେ ସୁନାବେଢ଼ା ଥାନାଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ଜବର ଦଖଲକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଜାଗାରେ ଜବରଦଖଲକାରୀ ନିର୍ଭୟରେ ଘରକାମ କରୁଛନ୍ତି। ଉକ୍ତ କାମ ବନ୍ଦ କରିବା ସହ ଜବର ଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନବେଳେ କାଳିଆ ଖୋସ୍‌ଲା, କିଶନ ଡୁରୁକ, ସମିତି ଖୋସ୍‌ଲା, ଦଇମତି ଖୋସ୍‌ଲା, ତ୍ରିନାଥ ଖୋସ୍‌ଲା, ସସ୍ମିତା ମହାନନ୍ଦିଆ, ଦିବ୍ୟାମତି ଟାକ୍ରି, ଲିନା ହିଆଲ, ରିତା ଡୁରୁକ ଓ ରଶ୍ମି ଡଙ୍ଗରୀଙ୍କ ସମେତ କଲୋନିର ବହୁ ମହିଳା, ପୁରୁଷ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳରେ ଜବରଦଖଲ ବଢୁଥିବା ନେଇ ବାରମ୍ବାର ଖବର ପ୍ରକାଶ ପରେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଏ ନେଇ ସେମିଳିଗୁଡା ତହସିଲଦାରଙ୍କୁ ଜବରଦଖଲ ସମ୍ପର୍କରେ ପଚାରିବାରୁ ୩ ସ୍କ୍ୱାଡ୍ ଗଠନ କରାଯାଇଛି। ସମସ୍ତ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବ ବୋଲି କହିଛନ୍ତି। ହେଲେ ଉଚ୍ଛେଦ ପରିବର୍ତ୍ତେ ଜବରଦଖଲ ବଢିବାରେ ଲାଗିଛି।


ଅତିରିକ୍ତ ତହସିଲଦାର ଅଞ୍ଚଳବାସୀଙ୍କ ସହ ଆଲୋଚନା କରୁଛନ୍ତି।

